ଧରିତ୍ରୀ
DHARITRI

April 6 - 12, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ

# କାହା ପାଇଁ ତାରକା କାହା ପାଇଁ ଦେବଦୂତ

ସଫଳତାର ଶୀର୍ଷରେ ପହଞ୍ଚିଥିବା କିଛି ତାରକା ଗ୍ଲାମର୍ ଦୁନିଆର ଚାକଚକ୍ୟ, ଅୟସଭରା ଜୀବନ ଭିତରେ ବି ଭୁଲି ନାହାନ୍ତି ମଣିଷପଣିଆକୁ । ଲୋକଙ୍କ ଦୁଃଖ କଷ୍ଟକୁ ହୃଦୟରୁ ଅନୁଭବ କରିଛନ୍ତି । ଆଗେଇ ଆସିଛନ୍ତି ସାହାଯ୍ୟ କରିବାକୁ । ଆଉ ପାଲଟିଛନ୍ତି ଲୋକଙ୍କ ପାଇଁ ଦେବଦୂତ...

ପ୍ରଚ୍ଛଦ ପ୍ରସଙ୍ଗ

୩



# ମୟୂର ପ୍ରତୀମା ଘରେ ରଖୁଥିଲେ...

**ଘରକୁ ଟିକେ ଡିଫରେଣ୍ଟ ଲୁକ୍ ଦେବା ପାଇଁ କେହି କେହି ଘରେ ମୟୂର ପ୍ରତୀମା ରଖିଥାନ୍ତି। ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ କେଉଁ ଧାତୁର ମୟୂର ପ୍ରତୀମା ରଖିବା ଶୁଭ ହେବା ସହ ଏହା କି ସୁଫଳ ଦେଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**



✻ ସୌଭାଗ୍ୟ, ସମୃଦ୍ଧି ତଥା ସକାରାତ୍ମକ ଉର୍ଜ୍ଜାର ପ୍ରତୀକ କୁହାଯାଉଥିବା ମୟୂର ପ୍ରତୀମାକୁ ଘରେ ରଖିଲେ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ବିଶେଷକରି ରୂପାରେ ତିଆରି ମୟୂର ପ୍ରତୀମା ଘର ପାଇଁ ବହୁତ ଶୁଭ ହୋଇଥାଏ।

✻ ଏହା ଘରେ ସକାରାତ୍ମକ ଉର୍ଜ୍ଜାର ସଞ୍ଚାର କରିବା ସହ ଘରର ସଦସ୍ୟଙ୍କ ମଧ୍ୟରେ ସ୍ନେହ, ଭଲପାଇବାକୁ ବଢାଇଥାଏ।

✻ ଘରର ଅନେକ ବାସ୍ତୁଦୋଷକୁ ବି ଏହା ଠିକ୍ କରିଥାଏ। ରୂପାର ମୟୂର ପ୍ରତୀମାକୁ ଘରେ ରଖିଲେ ସୁଖ-ସମୃଦ୍ଧି ମଧ୍ୟ ବୃଦ୍ଧିପାଏ। ଅର୍ଥ ସଙ୍କଟ ଦୂର ହୋଇଥାଏ। ଏପରିକି ବାହାଘରରେ ବିଳମ୍ବ ହେଉଥିଲେ ଘରେ ରୂପାର ମୟୂର ପ୍ରତୀମା ରଖିବା ଶୁଭଫଳ ଦେଇଥାଏ।

✻ ପତିପତ୍ନୀଙ୍କ ବେଡ୍‌ରୁମ୍‌ରେ ରୂପାର ମୟୂର ଯୋଡାଙ୍କର ପ୍ରତୀମା ରଖାଗଲେ, ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ ବୋଲି ବିଶ୍ୱାସ। ଯଦି ରୂପାର ପ୍ରତୀମା ରଖିବା ସମ୍ଭବ ହେଉନାହିଁ ତା'ହେଲେ ଆଲୁମିନିୟମ୍‌ର ମୟୂର ପ୍ରତୀମା ବି ରଖିପାରିବେ।

✻ ମୟୂରର ଏହି ପ୍ରତୀମାକୁ ଘରର ଉତ୍ତର-ପୂର୍ବ ଦିଗରେ ରଖିବା ସବୁଠୁ ଶୁଭ ହୋଇଥାଏ। ଦକ୍ଷିଣ-ପୂର୍ବ ଦିଗରେ ବି ରଖାଯାଇପାରେ। ସେହିପରି ମୟୂର ନାଚୁଥିବା ଭଙ୍ଗୀର ପ୍ରତୀମାକୁ ରଖିଲେ ଘରେ ସବୁବେଳେ ଖୁସିର ମାହୋଲ ରହିଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ୍ ୭-୧୨

**ମେଷ**
କାର୍ଯ୍ୟ ବ୍ୟସ୍ତ ରହିବେ, ବୈଷୟିକ ଅଭିବୃଦ୍ଧି, ପାରିବାରିକ ସଦ୍‌ଭାବ, ନୂତନ ବନ୍ଧୁ ସମ୍ପର୍କ, ତିକ୍ତତାର ସମାପ୍ତି, ଭ୍ରମଣ ହେତୁକ କ୍ଳାନ୍ତି, ଭ୍ରାତୃ ସମ୍ପର୍କର ଅବନତି, ଯାତ୍ରାରେ ସଫଳତା, ମୂଲ୍ୟବାନ ଦ୍ରବ୍ୟ କ୍ରୟ ॥

**ବୃଷ**
କାମରେ ଅସଫଳତା, ମନୋବଳ ହ୍ରାସ, ପରିବାରରେ କଳହ, ଯାନ ବାହନରେ ତ୍ରୁଟି, ନିର୍ମାଣର ଶେଷ ପର୍ଯ୍ୟାୟ, ଧାର କରଜ କରିବେ, ବାଣିଜ୍ୟ ବ୍ୟବସାୟରେ ଉନ୍ନତି, କଳାରେ ଉତ୍କର୍ଷତା, ସମସ୍ୟା ସମାଧାନ, ବିବାଦୀୟ ପରିସ୍ଥିତି, ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ॥

**ମିଥୁନ**
ମାନସିକ ଦ୍ୱନ୍ଦ୍ୱ, କର୍ମକ୍ଷେତ୍ରରେ ସମ୍ମାନ, ସଙ୍ଗଦୋଷରୁ ସମାଲୋଚନା, ବାଣିଜ୍ୟରେ ଉନ୍ନତି, ଅତିଥିସେବାର ସୁଯୋଗ, ବାଦବିବାଦର ଜଟିଳତା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, କ୍ରୀଡାରେ ସଫଳତା, ନିଯୁକ୍ତି ଖବର, ଦୂରଯାତ୍ରାର ଯୋଜନା ॥

**କର୍କଟ**
ଆର୍ଥିକ ଅଭିବୃଦ୍ଧି, ନୂତନ କର୍ମାରମ୍ଭ, ସଭାସମିତିକୁ ଆହ୍ୱାନ, ବୈବାହିକ ସମ୍ପର୍କ, ମାଙ୍ଗଳିକ କର୍ମାଲୋଚନା, ଶିକ୍ଷାରେ ସଫଳତା, ମିଥ୍ୟା ଗୁଜବ, ମନ ବିଚଳିତ ରହିବ, ମକଦ୍ଦମାରେ ବାଇଦା, ଉଚ୍ଚସ୍ତରରୁ ସମ୍ମାନ ॥

**ସିଂହ**
ଶାରୀରିକ ସୁସ୍ଥତା, ଆର୍ଥିକ ଦୂରବସ୍ଥା, ପଡୋଶୀଙ୍କ ସମାଲୋଚନା, ଶିଳ୍ପବାଣିଜ୍ୟରେ ଉନ୍ନତି, ପିଲାଙ୍କ ସ୍ୱାସ୍ଥ୍ୟସମସ୍ୟା, ବ୍ୟୟବହୁଳ ଶିକ୍ଷା, ନୂତନ ନିଯୁକ୍ତି ସୁଯୋଗ, ବିବାଦୀୟ ପରିସ୍ଥିତି, କରଜଦାତାଙ୍କ ଚାପ, ଧର୍ମକାର୍ଯ୍ୟ କରିବେ ॥

**କନ୍ୟା**
କର୍ମକ୍ଷେତ୍ରରେ ବିବାଦ, ବନ୍ଧୁଙ୍କ ସହାୟତା, କାରବାରରେ ଉନ୍ନତି, ଭାବପ୍ରବଣତା, ଆର୍ଥିକ ସମସ୍ୟା, ମାନସିକ ବିଷାଦ, କାର୍ଯ୍ୟରେ ସଫଳତା, ଦୁଃସାହସିକ ପଦକ୍ଷେପ, ବିଭିନ୍ନ ସୂତ୍ରରୁ ରୋଜଗାର, ପଦମର୍ଯ୍ୟାଦା ବୃଦ୍ଧି, ମକଦ୍ଦମାରୁ ଦୁଃଶ୍ଚିନ୍ତା ॥

**ତୁଳା**
ଚେଷ୍ଟାସଫଳ ହେବ, କ୍ଳାନ୍ତିବୋଧ କରିବେ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ବ୍ୟୟ ବରାଦ କରିବେ, ସମସ୍ୟାର ମୁକାବିଲା, ପ୍ରତିଯୋଗୀତାରେ ସଫଳତା, ସାଂସ୍କୃତିକ କାର୍ଯ୍ୟକ୍ରମ, ସତ୍‌ସଙ୍ଗର ସୁଯୋଗ ॥

**ବିଛା**
କର୍ମକ୍ଷେତ୍ରରେ ସମ୍ମାନ, ଆଶାପୂରଣ ହେବ, ସ୍ଥଗିତ କର୍ମାରମ୍ଭ, ନିଃସଙ୍ଗତା ବୋଧ, ବନ୍ଧୁ ପ୍ରସ୍ତାବ ଆସିବ, ଚୁକ୍ତିପତ୍ର ସ୍ୱାକ୍ଷରିତ, ପାରିବାରିକ ଅସହଯୋଗ, ନୈରାଶ୍ୟଜନିତ ଦୁଃଖ, ଯୋଗଶିକ୍ଷାରେ ରୁଚି, ଗୃହସୀମା ବିବାଦ, କ୍ରନିକ୍ ରୋଗରେ ପୀଡା ॥

**ଧନୁ**
ନୂତନ ଯୋଜନାରମ୍ଭ, ସରକାରୀ ସହାୟତା, ସହକର୍ମୀଙ୍କ ସୁପରାମର୍ଶ, ସ୍ୱଜନ ଶତ୍ରୁତା, ସନ୍ତାନଙ୍କ ବିଶୃଙ୍ଖଳା, ଋଣ ପରିଶୋଧ, ବନ୍ଧୁଙ୍କୁ ଭେଟିପାରନ୍ତି, କାମରେ ଅବହେଳା, ମାନସିକ ଅସ୍ଥିରତା, ସଙ୍ଗଦୋଷରୁ ସମାଲୋଚନା, ସଭାସମିତିକୁ ନିମନ୍ତ୍ରଣ ॥

**ମକର**
ପରିସ୍ଥିତିରେ ସାମ୍ୟତା, ପଡୋଶୀଙ୍କ ପରାମର୍ଶ, ବନ୍ଧୁଙ୍କ ସାହାଯ୍ୟ, କାର୍ଯ୍ୟ ତ୍ୱରାନ୍ୱିତ ହେବ, ସମ୍ପର୍କ ବୃଦ୍ଧି ପାଇବ, ଶୁଭଖବର ପାଇବେ, ଏଜେନ୍ସିପ୍ ବଢିବ, କାମ ଅସମ୍ପୂର୍ଣ୍ଣ ରହିବ, ଆଶଙ୍କା ବୃଦ୍ଧି ପାଇବ, ବିଦେଶଯାତ୍ରାର ସୁଯୋଗ ॥

**କୁମ୍ଭ**
ଅନୁକୂଳ ପରିବେଶ, କାମରେ ଅଗ୍ରଗତି, ବିବାଦର ଅବସାନ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗ, ଧର୍ମକାର୍ଯ୍ୟରେ ନିୟୋଜିତ, ଆଶଙ୍କା ଦୂର ହେବ, ଯାତ୍ରାରେ ଲକ୍ଷ୍ୟପୂରଣ, ନିର୍ମାଣ ତ୍ୱରାନ୍ୱିତ, ପ୍ରତୀକ୍ଷିତ ଖବର ପ୍ରାପ୍ତି, ସାହିତ୍ୟ ସଙ୍ଗୀତରୁ ପ୍ରଶଂସା ॥

**ମୀନ**
ପ୍ରତିକୂଳତା ଦୂର ହେବ, ଉପରିସ୍ଥଙ୍କ ଅନୁକମ୍ପା, ପରିସ୍ଥିତି ବଦଳିଯିବ, ମାନସିକ ଚାପ କମିବ, ବୁଝାମଣାରେ ବ୍ୟତିକ୍ରମ, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବର ପାଇବେ, ପକ୍ଷପାତିତାକୁ ନାପସନ୍ଦ, କାମ ଅଟକିବ ନାହିଁ, ବନ୍ଧୁଙ୍କ ଅନାଦର ॥

# ଗୁଣକାରୀ ଡାଳିମ୍ବ ଜୁସ୍

ଡାଳିମ୍ବ ଆମ ଶରୀର ପାଇଁ ବହୁତ ଉପକାରୀ ହୋଇଥାଏ। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଆଣ୍ଟି-ଇନଫ୍ଲେମେଟରୀ ଗୁଣ ଭରି ରହିଥିବା ଯୋଗୁ ଏହା ବିଭିନ୍ନ ରୋଗରୁ ଆମକୁ ସୁରକ୍ଷା ପ୍ରଦାନ କରିଥାଏ। ବିଶେଷକରି ଖରାଦିନେ ଯଦି ପ୍ରତିଦିନ ଏକ ଗ୍ଲାସ୍ ଡାଳିମ୍ବ ଜୁସ୍ ପିଆଯାଏ, ତା'ହେଲେ ସ୍ୱାସ୍ଥ୍ୟ ଭଲ ରହିବା ସହ ତ୍ୱଚାରେ ବି ବେଶ୍ ଚମକ ଦେଖିବାକୁ ମିଳିଥାଏ। ଡାଳିମ୍ବ ଜୁସ୍ ପିଇଲେ ଗ୍ୟାସ୍ ଯୋଗୁ ଛାତିରେ ହେଉଥିବା ଜ୍ୱଳନରୁ ଅନେକାଂଶରେ ମୁକ୍ତି ମିଳିଥାଏ। ହୃଦ୍ ସମ୍ବନ୍ଧୀୟ ରୋଗରୁ ବି ଉପଶମ ମିଳେ। ସେହିପରି ଡାଳିମ୍ବ ଜୁସ୍ ପିଇବା ଦ୍ୱାରା ବେଶ୍ କିଛି ସମୟ ପର୍ଯ୍ୟନ୍ତ ଭୋକ ହୁଏନାହିଁ। ଯଦ୍ୱାରା ଆମେ ଅତ୍ୟଧିକ ଖାଇବାର ଅଭ୍ୟାସରୁ ବଞ୍ଚିଯାଉ। ଯାହାକି ଆମକୁ ଶରୀରର ଓଜନ କମାଇବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷେ ପ୍ରତିଦିନ ଡାଳିମ୍ବ ଜୁସ୍ ପିଇବା ଦ୍ୱାରା କ୍ୟାନସର୍ ହେବାର ଆଶଙ୍କା ଅପେକ୍ଷାକୃତ କମ୍ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଯେହେତୁ ଡାଳିମ୍ବରେ ଭିଟାମିନ୍ ସି'ର କିଛି ମାତ୍ରା ରହିଥାଏ, ତେଣୁ ଏହାର ଜୁସ୍ ପିଇବା ଦ୍ୱାରା ତ୍ୱଚାରେ ଥିବା ଡାର୍କ ସ୍ପଟ୍ କମିଥାଏ। ସନ୍ ବର୍ନରୁ ବି ଏହା ରକ୍ଷା କରି ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ। ସବୁଠୁ ବଡ଼ କଥା ହେଲା ନିୟମିତ ଡାଳିମ୍ବ ଜୁସ୍ ପିଇଲେ ଶରୀରରେ ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଇ ଶାରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।



# ପାଠକୀୟ

✻ ଦିନେ ଏମାନେ ଥିଲେ ସାଧାରଣ ମହିଳା। କିନ୍ତୁ ସମାଜର ଦୁଃଖଦୁର୍ଦ୍ଦଶାକୁ ଦୂର କରିବା ପାଇଁ ଏମିତି କିଛି କାମ କଲେ ; ଯେଉଁଥିପାଇଁ ସମାଜରେ ତାଙ୍କୁ ଭିନ୍ନ ଏକ ପରିଚୟ ମିଳିବା ସହ ଶେଷରେ ସେମାନେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମଧ୍ୟ ଯୋଗ୍ୟ ବିବେଚିତ ହେଲେ। ସେମିତି କେତେଜଣ ମହିୟସୀ ମହିଳାଙ୍କ ଜୀବନ କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶେଷରେ ପଦ୍ମଶ୍ରୀ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*- ପ୍ରଭାବତୀ ବାରିକ, ପୁରୀ*

✻ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶେଷରେ ପଦ୍ମଶ୍ରୀ' ଶୀର୍ଷକ ଆଲେଖ୍ୟରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ସୁଖସମୃଦ୍ଧିର ବାସ୍ତୁ ଉପଚାର', 'ସ୍ମରଣ ଶକ୍ତି ବଢାଇବେ କିପରି' ଆଦି ପାଠ ଦୁଇଟି ବେଶ୍ ଶିକ୍ଷଣୀୟ ହୋଇଥିଲା।

*- ମନସ୍ୱିନୀ ଧଳ, ବାରିପଦା*

✻ 'ରାଜାରାଣୀଙ୍କ ପ୍ରିୟ ଖାଦ୍ୟ' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ନାଟ୍ୟ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ ତଥା ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ମାଟି ମଣିଷ' ଶୀର୍ଷକ ଗପଟି ବି ହୃଦୟସ୍ପର୍ଶୀ ହୋଇଥିଲା।

*- ପୁଷ୍ପଲତା ସ୍ୱାଇଁ, ମାଲକାନାଗିରି*

✻ ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ହୋଇଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଯାହା ଭାବୁଥିଲେ କିଆରା', 'ଦୋଛକିରେ ଜାହ୍ନବୀ', 'ଭୁଲିବେନି ପୂଜା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା। ଯୁଗ୍ମ କମିଶନର (ଜିଏସ୍‌ଟି) ଡ.ପଦ୍ମଲୋଚନ ରାଉତଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ବେଶ୍ ପ୍ରେରଣାଦାୟୀ ଥିଲା।

*- ପ୍ରତିଭା ଦାଶ, ସୁନ୍ଦରଗଡ଼*

✻ 'ଶୁଭ୍ରାଂଶୁଙ୍କ ରଙ୍ଗ କୁହୁକ' ଶୀର୍ଷକ ପାଠଟି ବି ଏକ ନିଆରା ଆଲେଖ୍ୟ ଥିଲା। 'ଅନନ୍ୟ ପର୍ଯ୍ୟଟନସ୍ଥଳୀ ତାରାପୀଠ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିହେଲା। 'କାର୍ଟୁନ ଚରିତ୍ରଙ୍କ ହାତରେ ଗ୍ଲୋଭ୍‌ସ ଥାଏ କାହିଁକି' ଶୀର୍ଷକ ପାଠଟି ବେଶ୍ ତଥ୍ୟପୂର୍ଣ୍ଣ ଓ ମଜାଦାର୍ ହୋଇଥିଲା ପଢିବାକୁ।

*- ସଙ୍ଗୀତା ପ୍ରଧାନ, କେନ୍ଦୁଝର*

✻ ଛୁଟିଦିନର ବ୍ୟଙ୍ଗ ପୃଷ୍ଠା ଓ ବ୍ୟାକ୍‌ପେଜ୍ ପୃଷ୍ଠା ମୋତେ ପଢିବାକୁ ବହୁତ ଭଲ ଲାଗେ। ସେହିପରି ହାଃ ହାଃ ପଢିବା ବି ମୋର ଅତି ପସନ୍ଦ। ସେଥିପାଇଁ ଛୁଟିଦିନକୁ ମୁଁ ଚାତକ ପରି ଅପେକ୍ଷା କରିଥାଏ।

*- ଆରତୀ ମହାନ୍ତି, କଟକ*



## ବିଶେଷ ଚିଠି

ଶେଷରେ ପଦ୍ମଶ୍ରୀ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ଭାରୀ ମନଛୁଆଁ ଥିଲା
ତୁମ ସିନେମା ଖବର,
ସହରଠୁ ଦୂର ଓ ସାଥୀର ଉତ୍ତର,
ସେଥିପାଇଁ ଛୁଟିଦିନ ତୁମକୁ
ସବୁବେଳେ ଖୋଜୁଛି ଏ ମନ ମୋର।

*- ପ୍ରତାପ ସାହୁ, ଫୁଲବାଣୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# କାହା ପାଇଁ ତାରକା କାହା ପାଇଁ ଦେବଦୂତ



**ଏମାନେ ସମସ୍ତେ ଗ୍ଲାମର୍ ଦୁନିଆର ଜଣେ ଜଣେ ତାରକା। ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି ଓ ଅମାପ ଧନ ଦଉଲତର ଅଧିକାରୀ ବି ହୋଇଛନ୍ତି । ଚାକଚାକ୍ୟ ଭରା ଜୀବନ ଜିଉଁଛନ୍ତି । ତେବେ ବି ଏମାନେ ଭୁଲିନାହାନ୍ତି ମଣିଷପଣିଆକୁ । ତାଙ୍କ ହୃଦୟ ଏବେ ବି ଅନ୍ୟର ଦୁଃଖରେ ଦୁଃଖି ହୁଏ। ସେଥିପାଇଁ ତ ନିଜର ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି କରୁଛନ୍ତି ସମାଜମଙ୍ଗଳ କାର୍ଯ୍ୟ। ଆଉ ପାଲଟିଛନ୍ତି ଅନେକଙ୍କ ପାଇଁ ଦେବଦୂତ ...**



**ଅସହାୟଙ୍କ ସାହା ପଲକ:** ତାଙ୍କ କଣ୍ଠ ଯେମିତି ମିଠା, ସ୍ୱଭାବ ବି ସେମିତି ମିଠା। ହୃଦୟରେ ଭରି ରହିଛି ଦୟା ଓ ମମତା। ଖାସ୍‌କରି କୁନି କୁନି ପିଲାଙ୍କ ଦୁଃଖକଷ୍ଟ ସେ ଆଦୌ ସହିପାରନ୍ତି ନାହିଁ। ସେଥିପାଇଁ ତ ଯେତେବେଳେ ସେ ନିଜେ ଛୋଟ ଥିଲେ ସେବେଠାରୁ ଗୀତ ଗାଇ, ଟଙ୍କା ଜମା କରି ହୃଦରୋଗରେ ଆକ୍ରାନ୍ତ ଗରିବ ପିଲାଙ୍କର ଚିକିତ୍ସା କରାଇବା ଆରମ୍ଭ କରିଥିଲେ, ଯେଉଁଧାରା ଏବେ ବି ଜାରି ରହିଛି। ସେ ହେଉଛନ୍ତି ବଲିଉଡ୍ ଗାୟିକା ପଲକ ମୁଚ୍ଛଲ। ୧୯୯୨ ମସିହାରେ ଜନ୍ମିତ ପଲକଙ୍କ ଜନ୍ମ ଇନ୍ଦୋରରେ। ତାଙ୍କୁ ଯେତେବେଳେ ବୟସ ମାତ୍ର ସାତ ବର୍ଷ, କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଲାଗି ଘର ପାଖ ଦୋକାନଗୁଡ଼ିକରେ ସାତଦିନ ଗୀତ ଗାଇଥିଲେ। ଆଉ ସେଥିରୁ ଜମା ହୋଇଥିବା ଟଙ୍କାକୁ ସେ ଶହୀଦ ପରିବାରକୁ ପ୍ରଦାନ କରିଥିଲେ । ଏହାପରେ ଓଡ଼ିଶାରେ ହୋଇଥିବା ମହାବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ବି ସେ ଗୀତ ଗାଇ ଫଣ୍ଡ ରେଜ୍ କରିଥିଲେ। ଛୋଟ ପିଲା ହେଲେ ବି ମନ ତାଙ୍କର ଥିଲା ବଡ଼। ତେଣୁ ନିଜ କଣ୍ଠକୁ ବ୍ୟବହାର କରି ପଲକ ସମାଜ ସେବା କାମ ଆରମ୍ଭ କରିଥିଲେ। ଏହି ସମୟରେ ଇନ୍ଦୋରର 'ନିଧି ବାଲ ବିନୟ ମନ୍ଦିର' ନାମକ ବିଦ୍ୟାଳୟର ଶିକ୍ଷକମାନେ ପଲକ ଓ ତାଙ୍କ ମାତାପିତାଙ୍କୁ ଅନୁରୋଧ କରିଥିଲେ ହୃଦରୋଗରେ ଆକ୍ରାନ୍ତ ତାଙ୍କ ସ୍କୁଲରେ ପଢୁଥିବା ଲୋକେଶ ନାମକ ଛାତ୍ରର ଅସ୍ତ୍ରୋପଚାର ପାଇଁ କିଛି ଆର୍ଥିକ ସାହାଯ୍ୟ କରିବାକୁ। କାରଣ ଲୋକେଶଙ୍କ ବାପା ଥିଲେ ଜଣେ ଛୋଟିଆ ଚପଲ ଦୋକାନୀ। ତାଙ୍କ ପାଖରେ ଟଙ୍କା ନ ଥିଲା ପୁଅର ଚିକିତ୍ସା କରିବା ପାଇଁ। ପଲକ ଓ ତାଙ୍କ ମା'ବାପା ରାଜି ହୋଇଥିଲେ ଚାରିଟି ଶୋ' କରିବା ପାଇଁ। ଏହି ଶୋ' କରିବା ଲାଗି ପଲକ ଓ ତାଙ୍କ ମାତା ପିତା ଗଳିର ଏକ ଦୋକାନୀର ଠେଲାଗାଡ଼ିକୁ ଷ୍ଟେଜ୍ ଭାବେ ବ୍ୟବହାର କରିଥିଲେ, ଯାହା ଉପରେ ପଲକ ଠିଆହୋଇ ଗୀତ ଗାଇଲେ। ଆଉ ଟଙ୍କା ସଂଗ୍ରହ କଲେ। ଶେଷରେ ସେହି ଟଙ୍କାରେ ପିଲାଟିର ସଫଳ ଅସ୍ତ୍ରୋପଚାର ହେଲା। ଏହି ଘଟଣାଟି ପଲକଙ୍କୁ ବେଶ୍ ଆତ୍ମସନ୍ତୋଷ ପ୍ରଦାନ କରିଥିଲା। ତେଣୁ ପଲକ ଓ ତାଙ୍କ ମା' ବାପା 'ସେଭିଂ ଲିଟିଲ ହାର୍ଟସ୍' କ୍ୟାମ୍ପେନ କରି ଅନେକ ଚାରିଟି ଶୋ' କରି ଚାଲିଲେ। ଆଉ ଲୋକେଶ ପରି ହୃଦରୋଗରେ ଆକ୍ରାନ୍ତ ଗରିବ ପିଲାଙ୍କ ଅସ୍ତ୍ରୋପଚାର କରାଇଲେ। ପଲକଙ୍କ ଭାଇ ପଲାଶ ବି ପ୍ରତି ଚାରିଟି ଶୋ'ରେ ଗୀତ ଗାଆନ୍ତି। ପଲକଙ୍କର ଏଭଳି ପଦକ୍ଷେପ ଦେଖି ଇନ୍ଦୋରର ଟି.ଚୋଇଥ୍ରାମ୍ ହସ୍ପିଟାଲ ହୃଦରୋଗ ଅସ୍ତ୍ରୋପଚାରର ଖର୍ଚ୍ଚ ଅଧା କରିଥିଲା। ଏମିତିକି କିଛି ଡାକ୍ତର ପଲକ ଯେଉଁ ପିଲାଙ୍କୁ ଅସ୍ତ୍ରୋପଚାର ପାଇଁ ଆଣୁଥିଲେ ତାଙ୍କର ଅସ୍ତ୍ରୋପଚାର ନିଃଶୁଳ୍କରେ କଲେ। ୨୦୦୧ ମସିହାରୁ ସେ ଦେଶର ବିଭିନ୍ନ ସ୍ଥାନ ସହ ବାହାର ଦେଶକୁ ଯାଇ ଚାରିଟି ଶୋ' କରିବାକୁ ଲାଗିଲେ। ସେଥିରୁ ରୋଜଗାର ହେଉଥିବା ଟଙ୍କାରେ ସେ ହୃଦ୍‌ରୋଗ ସହ କିଡ୍‌ନୀ ସମସ୍ୟା ଥିବା ପିଲାଙ୍କ ଚିକିତ୍ସା ଓ ଅସ୍ତ୍ରୋପଚାରରେ ସାହାଯ୍ୟ କଲେ।

ପଲକ ପ୍ରତି ଚାରିଟି ଶୋ'ରେ ପ୍ରାୟ ୪୦ଟି ଗୀତ ଗାଆନ୍ତି। ସେ ୧୭ଟି ଭିନ୍ନ ଭାଷାରେ ବି ଗାଆନ୍ତି। ୨୦୦୩ରେ ହୃତପିଣ୍ଡରେ ଛୋଟିଆ ଗର୍ତ୍ତ ଥିବା ପାକିସ୍ତାନର ଦୁଇ ବର୍ଷୀୟା ଝିଅର ଅସ୍ତ୍ରୋପଚାର ପାଇଁ ବି ସେ ଆର୍ଥିକ ସାହାଯ୍ୟ କରିଥିଲେ। ପଲକଙ୍କ ଚାରିଟି ସଂସ୍ଥାର ନାମ ହେଉଛି 'ପଲକ ମୁଚ୍ଛଲ ହାର୍ଟ ଫାଉଣ୍ଡେଶନ'। ଟଙ୍କା ପାଇଁ ଯେମିତି ପିଲାଙ୍କ ଅସ୍ତ୍ରୋପଚାର ବନ୍ଦ ନ ହେଉ ତାହା ହେଉଛି ଏହି ସଂସ୍ଥାର ମୂଳ ଲକ୍ଷ୍ୟ। ଏବେ ପଲକ ଓ ତାଙ୍କ ଭାଇ ପଲାଶଙ୍କ ପାଇଁ ୩୦୦୦ରୁ ଊର୍ଦ୍ଧ୍ୱ ହୃଦ୍‌ରୋଗୀ ପିଲାଙ୍କ ସଫଳ ଅସ୍ତ୍ରୋପଚାର ହୋଇପାରିଛି। ଆଉ ତାଙ୍କର ଏହି କାମ ପାଇଁ ସେ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡ ଓ ଲିମ୍‌କା ବୁକ୍ ଅଫ୍ ୱାର୍ଲଡ ରେକଡର୍ସ୍‌ରେ ବି ସ୍ଥାନ ପାଇଛନ୍ତି।

**ସମାଜସେବାରେ ସଲମାନ୍ ଖାଁ:** ବଲିଉଡ୍‌ର ହ୍ୟାଣ୍ଡସମ୍ ହଙ୍କ୍ ସେ। ପୂରା ବଲିଉଡ୍‌ରେ ଚାଲେ ତାଙ୍କ ରାଜ୍। କେବେ ଅଭିନୟ ପାଇଁ ତ କେବେ ବ୍ୟକ୍ତିଗତ ଜୀବନ ପାଇଁ ପୁଣି କେବେ ନାନା ବିବାଦ ପାଇଁ ସେ ରୁହନ୍ତି ଚର୍ଚ୍ଚାରେ। ତାଙ୍କ ଫ୍ୟାନ୍ ତାଙ୍କୁ ଡାକନ୍ତି ଭାଇଜାନ୍ ବୋଲି। ସେ ହେଉଛନ୍ତି ସଲମାନ୍ ଖାଁ। ବିବାଦ କେବଳ ତାଙ୍କ ଜୀବନର ଅଂଶ ନୁହେଁ। ତାଙ୍କ ଜୀବନର ଆଉ ଏକ ଫର୍ଦ୍ଦ ବି ଅଛି। ତାହା ହେଉଛି ସେ କରୁଥିବା ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ। ବିଭିନ୍ନ ତଥ୍ୟ କହେ ସଲମାନ୍ ଖାଁ ନିଜ ରୋଜଗାରର ପ୍ରାୟ ୯୦ ପ୍ରତିଶତ ଭାଗ ଚାରିଟି ପାଇଁ ଖର୍ଚ୍ଚ କରନ୍ତି। ୨୦୦୨ରେ ସେ 'ବିଇଙ୍ଗ ହ୍ୟୁମାନ' ନାମକ ଏକ ଏନ୍‌ଜିଓ ଗଠନ କରିଥିଲେ, ଯାହାକି ଗାରମେଣ୍ଟସ୍ ସହ ଅନ୍ୟ ଜିନିଷ ବିକ୍ରି କରିଥାଏ। ସେଥିରୁ ଯାହା ଆୟ ହୁଏ ତା'ର ଏକ ବଡ଼ ଭାଗ ବେସାହାରା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖର୍ଚ୍ଚ କରାଯାଏ। ଏହି ଟ୍ରଷ୍ଟ ମହାରାଷ୍ଟ୍ର ଓ ଏହାର ବାହାରର ଅନେକ ଗାଁକୁ ପୋଷ୍ୟଭାବେ ଗ୍ରହଣ କରିଛି। ସେଠାକାର ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ସହ ଗାଁର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଆଯାଇଛି ଅନେକ ପଦକ୍ଷେପ। ଫଳରେ ସେହିସବୁ ଗାଁର ଭାଗ୍ୟ ବଦଳି ଯାଇଛି। ଏହାବାଦ୍ ଯିଏ ଯେତେବେଳେ ବି ସଲମାନଙ୍କୁ ସାହାଯ୍ୟ ମାଗିଛନ୍ତି ସେ ବିନାଦ୍ୱିଧାରେ ସାହାଯ୍ୟ କରିଛନ୍ତି। ସେ କ୍ୟାନ୍ସର ପୀଡ଼ିତ ପିଲାଙ୍କ ଚିକିତ୍ସା ପାଇଁ ଲଗାତର କାମ କରିଆସୁଛନ୍ତି। ଆର୍ଥିକ ସାହାଯ୍ୟ ସହ ସେ ନିଜେ ବି ରୋଗୀଙ୍କୁ ଦେଖା କରିବାକୁ ଯାଆନ୍ତି। ରୋଗୀ ତାଙ୍କୁ ପାଖରେ ପାଇ ବହୁତ ଖୁସି ହୁଅନ୍ତି। ସଲମାନ ଭଲ ପେଣ୍ଟିଂ କରନ୍ତି। ଅସହାୟ ଲୋକଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ସାହାଯ୍ୟ ପ୍ରଦାନ କରିବା ଲାଗି ସେ ନିଜ ପେଣ୍ଟିଂର ପ୍ରଦର୍ଶନୀ କରି ଟଙ୍କା ଯୋଗାଡ କରନ୍ତି। କେବଳ ସେତିକି ନୁହେଁ ୨୦୧୦ରେ ସେ ୫ ବର୍ଷର ପୂଜା ନାମକ ଏକ ଛୋଟ ଝିଅକୁ ବଞ୍ଚାଇବା ପାଇଁ ନିଜ ବୋନ୍ ମାରୋ ବି ଡୋନେଟ୍ କରିଥିଲେ। ଫଳରେ ସେ ବୋନ୍‌ମାରୋ ଡୋନେଟ୍ କରିଥିବା ଭାରତର ପ୍ରଥମ ସେଲିବ୍ରିଟି ପାଲଟିଥିଲେ। ତାଙ୍କଠାରୁ ପ୍ରେରଣା ପାଇ ଆରବାଜ୍ ଖାଁ ବି 'ମାରୋ ଡୋନର୍ ରେଜିଷ୍ଟ୍ରି, ଇଣ୍ଡିଆ' ମାଧ୍ୟମରେ ବୋନ୍ ମାରୋ ଡୋନେଟ୍ କରିଥିଲେ।

**ମାଗଣା ଚିକିତ୍ସା ଯୋଗାଇବା ସହ ଶେଷଇଚ୍ଛା ପୂରଣ କରନ୍ତି ସମାନ୍ଥା:** ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରର ସୁପ୍ରସିଦ୍ଧ ଅଭିନେତ୍ରୀ ସମାନ୍ଥା ରୁଥ୍ ପ୍ରଭୁ ସବୁବେଳେ ନିଜ ଅଭିନୟ ଓ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଥାଆନ୍ତି। ନିଜ ଅଭିନୟରେ ସମସ୍ତଙ୍କ ମନ ଜିଣିଥିବା ସମାନ୍ଥା ବ୍ୟକ୍ତିଗତ ଜୀବନରେ ବି ଖୁବ୍ ସୁନ୍ଦର ମଣିଷଟିଏ। ସମାଜ ମଙ୍ଗଳ କାର୍ଯ୍ୟ କରିବାକୁ ସେ ଖୁବ୍ ଭଲ ପାଆନ୍ତି। ତେଣୁ






→

୨୦୧୪ରେ ସେ 'ପ୍ରତ୍ୟୁଷା ସପୋର୍ଟ' ନାମକ ସଂସ୍ଥା ଆରମ୍ଭ କରିଥିଲେ, ଯାହାକି ଗରିବ ମହିଳା ଓ ପିଲାଙ୍କୁ ମେଡିକାଲ କେୟାର୍ ଓ ସପୋର୍ଟ ପ୍ରଦାନ କରିଥାଏ। ଏହି ଫାଉଣ୍ଡେଶନ୍ ଗୁରୁତର ରୋଗରେ ଆକ୍ରାନ୍ତ ରୋଗୀଙ୍କ ମନରେ ଥିବା ଆଶା ବି ପୂରଣ କରିଥାଏ। ତେଲଙ୍ଗାନାର ଅଙ୍କୁର ଓ ଆନ୍ଧ୍ର ହସ୍ପିଟାଲ ଭଳି କିଛି ହସ୍ପିଟାଲ ସହ ପାର୍ଟନରଶିପ୍ କରି ସେ ଏସବୁ ଅସମ୍ଭବ କାମକୁ ସମ୍ଭବ କରିପାରୁଛନ୍ତି। ଏହି ହସ୍ପିଟାଲଗୁଡ଼ିକ ମାଧ୍ୟମରେ ତାଙ୍କ ପ୍ରତ୍ୟୁଷା ସପୋର୍ଟ ସଂସ୍ଥା ମାଗଣା ମେଡିକାଲ କ୍ୟାମ୍ପ, ଚେକ୍ ଅପ୍ ଓ ରକ୍ତଦାନ ଶିବିର ଆଦି ଆୟୋଜନ କରିଥାଏ। ଏହି ଫାଉଣ୍ଡେଶନ୍ 'ୱିଶ କମ୍ ଟ୍ରୁ'ନାମରେ ଏକ କ୍ୟାମ୍ପେନ୍ ବି କରୁଛି। ଯାହା ମାଧ୍ୟମରେ ସେମାନେ ଦୁରାରୋଗ୍ୟରେ ଆକ୍ରାନ୍ତ ପିଲାଙ୍କର ଯାହା ବି ଇଚ୍ଛା ଥାଏ ତାକୁ ପୂରଣ କରନ୍ତି। ତେବେ ସେ ଇଚ୍ଛା ତାଜମହଲ ଦେଖିବା ହେଉକି ନିଜର ପ୍ରିୟ ସେଲିବ୍ରିଟିଙ୍କୁ ଦେଖା କରିବା, ତାକୁ ପୂରଣ କରିବାକୁ ସେମାନେ ଯଥାସମ୍ଭବ ଚେଷ୍ଟା କରନ୍ତି। ମହିଳା ଓ ପିଲାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ଲାଗି ମଧ୍ୟ ଏହି ଫାଉଣ୍ଡେଶନ୍ ସଚେତନତା କ୍ୟାମ୍ପେନ କରିଥାଏ। ସମାନ୍ଥା ରେନ୍‌ବୋ ହସ୍ପିଟାଲରେ ଦୀର୍ଘଦିନରୁ ଫୁସ୍‌ଫୁସ୍ ଓ ନିମୋନିଆରେ ଆକ୍ରାନ୍ତ ପିଲାଙ୍କ ଚିକିତ୍ସାର ଦାୟିତ୍ୱ ବି ବହନ କରିଛନ୍ତି। ତେଣୁ ସେ ଏଣ୍ଡୋର୍ସମେଣ୍ଟ, ପ୍ରଡକ୍ଟ ଲଞ୍ଚ, ଇନାଗୁରେଶନ୍ ଇଭେଣ୍ଟ ଆଦିରୁ ହେଉଥିବା ରୋଜଗାରକୁ ପ୍ରତ୍ୟୁଷା ସପୋର୍ଟକୁ ଦାନ କରନ୍ତି। ଯେଉଁଥିରେ କେବଳ ଏହି ରୋଗରେ ଆକ୍ରାନ୍ତ ପିଲାଙ୍କ ଚିକିତ୍ସା ନୁହେଁ ଆହୁରି ଅନେକ ଜନମଙ୍ଗଳ କାର୍ଯ୍ୟ କରାଯାଏ। ଏହାବାଦ୍ ସେ ହେମୋଫିଲିଆ ରୋଗର ସଚେତନତା ସୃଷ୍ଟି କରିବା ଲାଗି ଏହି ରୋଗର ସଚେତନତା ସୃଷ୍ଟି କରୁଥିବା ବିଭିନ୍ନ ଇଭେଣ୍ଟରେ ଯୋଗ ଦିଅନ୍ତି। ୨୦୧୫ ଜାନୁଆରୀ ମାସରେ ଆନ୍ଧ୍ର ହସ୍ପିଟାଲର ଇଣ୍ଟେନସିଭ କେୟାର ୟୁନିଟ୍‌ରେ ଚିକିତ୍ସିତ ହେଉଥିବା ଏକ ଶିଶୁର ପ୍ରତି ସପ୍ତାହର ବିଲ୍‌ର ଏକତୃତୀୟାଂଶ ଦେବାକୁ ସେ ରାଜି ହୋଇଥିଲେ। ଏହାପରେ ଆନ୍ଧ୍ର ହସ୍ପିଟାଲ ଆଉ ଏକତୃତୀୟାଂଶ ବିଲ୍ ଦେବାକୁ ରାଜି ହେଲା। ଶିଶୁର ମା' ବାପା ଆଉ ବଳକା ଟଙ୍କା ପ୍ରଦାନ କଲେ। ଫଳରେ ଶିଶୁର ଚିକିତ୍ସା ସୁରୁଖୁରୁରେ ହୋଇଥିଲା। ଏହାପରେ ସେହିବର୍ଷ ନଭେମ୍ବର ମାସରେ ସମାନ୍ଥା ଆନ୍ଧ୍ର ହସ୍ପିଟାଲ ସହ ଏକ ଚୁକ୍ତି କରିଥିଲେ ଯେ, ୬ ମାସରୁ କମ୍ ବୟସର ସବୁ ଶିଶୁଙ୍କୁ ଯେମିତି ମାଗଣାରେ ରୋଟାଭାଇରସ୍ ଭାକ୍ସିନ ଦିଆଯିବ ସେଥିପାଇଁ ସେ ସ୍ପନସର୍ କରିବେ। ଆଉ ସେବେଠାରୁ ସେ ଏଥିପାଇଁ ସ୍ପନସର୍ କରୁଛନ୍ତି। ସମାନ୍ଥାଙ୍କ 'ପ୍ରତ୍ୟୁଷା ସପୋର୍ଟ' ସଂସ୍ଥାର ସମାଜସେବା କାର୍ଯ୍ୟ, ଖାସ୍‌କରି ହୃଦରୋଗରେ ଆକ୍ରାନ୍ତ ଗରିବ ପିଲାଙ୍କର ମାଗଣା ଚିକିତ୍ସା ପାଇଁ କରୁଥିବା ଅର୍ଥଦାନରେ ଖୁସି ହୋଇ ଆନ୍ଧ୍ରପ୍ରଦେଶ, ବାପଟ୍ଲା ଜିଲ୍ଲା ଅଲପଡୁ ଗାଁର ସନ୍ଦୀପ ଯେକି ଜଣେ କାର୍ ଡ୍ରାଇଭର ନିଜ ଘରେ ସେ ସମାନ୍ଥାଙ୍କର ଏକ ମନ୍ଦିର ତିଆରି କରିଛନ୍ତି, ଯାହା ଭିତରେ ସମାନ୍ଥାଙ୍କର ଏକ ପ୍ରତିମୂର୍ତ୍ତି ବି ସ୍ଥାପନ କରିଛନ୍ତି। ଏଇଥିରୁ ଜଣାପଡେ ସମାନ୍ଥାଙ୍କ ସମାଜମଙ୍ଗଳ କାର୍ଯ୍ୟ ପାଇଁ ଲୋକେ ତାଙ୍କୁ କେତେ ଭଲ ପାଆନ୍ତି।

**ଲୋକଙ୍କ ମଶିହା ସୋନୁ ସୁଦ:** ତାମିଲ, ତେଲୁଗୁ ଚଳଚ୍ଚିତ୍ରରୁ କ୍ୟାରିୟର ଆରମ୍ଭ କରିଥିବା ସୋନୁ ସୁଦ ବଲିଉଡ୍‌ରେ ବି ନିଜର କମାଲ ଦେଖେଇଛନ୍ତି। କେବେ ଖଳନାୟକ ତ କେବେ ନାୟକ ଚରିତ୍ରରେ ଅଭିନୟ କରି ସମସ୍ତଙ୍କ ମନ ଜିଣିଛନ୍ତି। ହେଲେ ସେ ସେତେବେଳେ ଲାଇମ୍ ଲାଇଟ୍‌କୁ ଆସିଲେ ତଥା ଲୋକଙ୍କର ସବୁଠୁ ପ୍ରିୟ ପାଲଟିଲେ ଯେବେ ଲକ୍ ଡାଉନ୍ ସମୟରେ ଲକ୍ଷ ଲକ୍ଷ ଲୋକଙ୍କୁ ସାହାଯ୍ୟ କଲେ। ଅକ୍ସିଜେନ, ଭେଣ୍ଟିଲେଟର୍, ବେଡ୍ ବ୍ୟବସ୍ଥା କରାଇବା ସହ ଘରକୁ ସୁରକ୍ଷିତ ପଠାଇବାର ବନ୍ଦୋବସ୍ତ କରିଥିଲେ। ଫଳରେ ଲୋକେ ତାଙ୍କୁ 'ମଶିହା' କହିବାକୁ ଲାଗିଲେ। ତାଙ୍କର ମନ୍ଦିର ବି କରାଗଲା। ଆଜି ବି ତାଙ୍କ ଘର ପାଖରେ ପ୍ରତିଦିନ ୫୦୦-୬୦୦ ଲୋକ ସାହାଯ୍ୟ ପାଇଁ ଆସନ୍ତି। ପ୍ରଥମେ ପ୍ରଥମେ ଏଥିପାଇଁ ଟଙ୍କା ଯୋଗାଡ଼ କରିବାକୁ ସୋନୁ ସୁଦ ଯଦି କୌଣସି ଖାଦ୍ୟ କମ୍ପାନୀ ପାଇଁ ବ୍ରାଣ୍ଡ ଆମ୍ବାସଡର ହେଉଥିଲେ ତାଙ୍କଠାରୁ ଫିସ୍ ନ ନେଇ ପ୍ରତିଦିନ ଏକ ଟ୍ରକ ଖାଦ୍ୟ ପଠାଇବାକୁ କହୁଥିଲେ। କୌଣସି ଏୟାରଲାଇନ୍ସ ପାଇଁ ବିଜ୍ଞାପନ କଲେ ତା'ପାଇଁ ନିଜର ପ୍ରାପ୍ୟ ନ ନେଇ ଲୋକଙ୍କୁ ମାଗଣାରେ ନେବାକୁ କହୁଥିଲେ। ଏମିତିରେ କୋଭିଡ଼ ସମୟରେ ସେ ଲୋକଙ୍କୁ ମାଗଣା ସେବା ଯୋଗାଉଥିଲେ। ଏବେ କିନ୍ତୁ ସୋନୁ ସୁଦଙ୍କର ନିଜର ଟ୍ରଷ୍ଟ ଅଛି, ଯାହାର ନାଁ ସୋନୁ ସୁଦ ଫାଉଣ୍ଡେଶନ୍। ଏହି ଟ୍ରଷ୍ଟ ସହ ଅନେକ ଲୋକ ଯୋଡି ହୋଇ ଯାଇଛନ୍ତି। ଅନେକ ବଦାନ୍ୟବ୍ୟକ୍ତି ଅର୍ଥ ପ୍ରଦାନ କରୁଛନ୍ତି। ଆଉ ଏହା ମାଧ୍ୟମରେ ଲୋକଙ୍କୁ ପ୍ରତିଦିନ ମାଗଣା ଖାଦ୍ୟ ପ୍ରଦାନ କରିବା ସହ ଶୀତଦିନେ କମ୍ବଳ ପ୍ରଦାନ କରିବା, ଚିକିତ୍ସା ପାଇଁ ଗରିବ ଲୋକଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା, ଗରିବ ପିଲାଙ୍କୁ ଆଇଏଏସ୍ କୋଚିଂ ପ୍ରଦାନ କରାଇବା ଭଳି ଅନେକ ସମାଜ ମଙ୍ଗଳ କାର୍ଯ୍ୟ କରାଯାଉଛି।

**ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛନ୍ତି ଅରିଜିତ:** ଭାରତର ଜଣେ ସୁପ୍ରସିଦ୍ଧ ଗାୟକ ହେଉଛନ୍ତି ଅରିଜିତ ସିଂ । ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ପଦ୍ମଶ୍ରୀ ସମ୍ମାନରେ ବି ସମ୍ମାନିତ ହୋଇଛନ୍ତି। ତେବେ ସେ କେବଳ ତାଙ୍କର କଣ୍ଠ ପାଇଁ ପରିଚିତ ନୁହନ୍ତି, ବରଂ ତାଙ୍କର ଉଦାରତା ଓ ସମାଜମଙ୍ଗଳ କାର୍ଯ୍ୟ ପାଇଁ ବି ବେଶ୍ ପରିଚିତ। ସେ 'ତତ୍ତ୍ୱମାସୀ' ନାମକ ଏକ ଫାଉଣ୍ଡେଶନ ଗଠନ କରିଛନ୍ତି, ଯାହାକି ଆର୍ଥିକ ଅଭାବ ଓ ବିଭିନ୍ନ ସୁବିଧାରୁ ବଞ୍ଚିତ ଯୁବଗୋଷ୍ଠୀ, ଶିଶୁ ସହ ଏଭଳି ସମୁଦାୟକୁ ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦିର ସୁବିଧା ପ୍ରଦାନ କରାଏ। ଏହି ଫାଉଣ୍ଡେଶନ୍ ଗାଁଗୁଡ଼ିକୁ ଅଧିକ ଗୁରୁତ୍ୱ ଦେଇଥାଏ। ସେମାନେ କିଭଳି ଆପତକାଳୀନ ସେବା ପାଇପାରିବେ ତାକୁ ଗୁରୁତ୍ୱ ଦିଆଯାଏ। ଅରିଜିତ ଆଗାମୀ ଦିନରେ ନିଜ ଅଞ୍ଚଳ ପଶ୍ଚିମବଙ୍ଗର ଜିଆଗଞ୍ଜରେ ଏକ ମେଡିକାଲ କଲେଜ କରିବାର ବି ଯୋଜନା ରଖିଛନ୍ତି, ଯାହାକି ତାଙ୍କ ମା'ଙ୍କର ସ୍ୱପ୍ନ ଥିଲା।





**ଶ୍ରେୟା ଘୋଷାଲ:** ଆଜିକାର ଶ୍ରେଷ୍ଠ ଗାୟିକା ତାଲିକାରେ ସେ ଶୀର୍ଷରେ ରୁହନ୍ତି। କୋଟି କୋଟି ଶ୍ରୋତାଙ୍କ ମନରେ ଘର କରିଥିବା ଏହି ଗାୟିକା ହେଉଛନ୍ତି ଶ୍ରେୟା ଘୋଷାଲ। 'ଦ କୁଇନ୍ ଅଫ୍ ଡାଇନାମିକ୍ସ' ଭାବେ ପରିଚିତ ଶ୍ରେୟାଙ୍କ ଖାଲି କଣ୍ଠ ମଧୁର ନୁହେଁ, ତାଙ୍କ ହୃଦୟ ବି ଖୁବ୍ ସୁନ୍ଦର। ସେଥିପାଇଁ ତ ସେ ସ୍ମୃତି ଫାଉଣ୍ଡେଶନ ଓ ଶଙ୍କର ଆଇ ଫାଉଣ୍ଡେଶନ୍‌କୁ ସପୋର୍ଟ କରନ୍ତି। ସ୍ମୃତି ଫାଉଣ୍ଡେଶନ୍ ପିଲାଙ୍କ ଦ୍ୱାରା ଅଲୋଡ଼ା ପାଲଟିଥିବା ବୃଦ୍ଧ ମାତାପିତାଙ୍କ ଯତ୍ନ ନିଏ। ଏହି କାମ ଯେମିତି ଆହୁରି ଅଧିକରୁ ଅଧିକ ହୋଇପାରିବ ସେଥିପାଇଁ ସେ ଆର୍ଥିକ ସାହାଯ୍ୟ ପ୍ରଦାନ କରନ୍ତି। ଶଙ୍କର ଆଇ ଫାଉଣ୍ଡେଶନ ବିଭିନ୍ନ ଗାଁରେ ଗରିବ ଲୋକଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ଚକ୍ଷୁ ଚିକିତ୍ସା ପ୍ରଦାନ କରିଥାଏ। ପ୍ରତିବର୍ଷ ଏହା ଅନେକ ମାଗଣା ଚକ୍ଷୁ ଅସ୍ତ୍ରୋପଚାର କରିଥାଏ। ୨୦୩୦ ସୁଦ୍ଧା ଭାରତରେ ୧ ମିଲିୟନ ମାଗଣା ଚକ୍ଷୁ ଅସ୍ତ୍ରୋପଚାର କରିବାର ଲକ୍ଷ୍ୟ ରଖିଛି। ଫାଉଣ୍ଡେଶନର ଏହି ଲକ୍ଷ୍ୟକୁ ସଫଳ କରିବା ପାଇଁ ଶ୍ରେୟା ସପୋର୍ଟ କରନ୍ତି।

ସଫଳତାର ଶୀର୍ଷରେ ପହଞ୍ଚିଥିବା କେବଳ ଏଇ ତାରକାମାନେ ନୁହନ୍ତି ଏମାନଙ୍କ ପରି ଆହୁରି ବି ଅନେକ ତାରକା ଅଛନ୍ତି ଯେଉଁମାନେ ଲୋକଙ୍କ ଦୁଃଖ କଷ୍ଟକୁ ହୃଦୟରୁ ଅନୁଭବ କରିଛନ୍ତି। ଆଉ ଆଗେଇ ଆସିଛନ୍ତି ସାହାଯ୍ୟ କରିବାକୁ।

-ଶିବାନୀ ମହାନ୍ତି





# ରାମ୍ପର ଡ୍ରେସ୍ ଫ୍ୟାଶନ





**ରାମ୍ପର ଡ୍ରେସ୍‌ର ଡିଜାଇନ୍ ଟିକେ ଜମ୍ପସୁଟ୍ ଭଳି ଦେଖାଯାଇଥାଏ । କିନ୍ତୁ ଜମ୍ପସୁଟ୍‌ର ଲେଙ୍ଥ ଟିକେ ଲମ୍ବା ରହୁଥିବାବେଳେ ରାମ୍ପର ଡ୍ରେସ୍‌ର ଲେଙ୍ଥ ଶର୍ଟ ରହିଥାଏ । ଯେଉଁଥିପାଇଁ ଏହାକୁ ପିନ୍ଧି ବିଚ୍‌ପାର୍ଟି ଅଥବା ଆଉଟିଂରେ ଗଲେ ଝିଅମାନଙ୍କୁ କୁଲ୍, କମ୍ଫଟେବଲ୍ ଲୁକ୍ ମିଳେ...**

ଖରାଦିନେ କୁଲ୍, କମ୍ଫଟେବଲ୍ ଲୁକ୍ ପାଇବାକୁ କାହାର ବା ଇଚ୍ଛା ନୁହେଁ। ବିଶେଷକରି ଆଉଟିଂରେ ଗଲାବେଳେ କ'ଣ ପିନ୍ଧିଲେ ସହଜରେ କୁଲ୍ ଲୁକ୍ ପାଇହେବ ସେ ନେଇ ଅନେକ ଝିଅ ଦ୍ୱନ୍ଦ୍ୱରେ ରହିଥାନ୍ତି । ଏ କ୍ଷେତ୍ରରେ ରାମ୍ପର ଡ୍ରେସ୍ ସେମାନଙ୍କ ପାଇଁ ଏକ ବେଷ୍ଟ ଅପ୍ସନ ହୋଇପାରେ । ଏ ଟାଇପ୍‌ର ଡ୍ରେସ୍ ପିନ୍ଧିଲେ ଡିଫରେଣ୍ଟ ଲୁକ୍ ମିଳିବା ସହ ଝିଅମାନେ କୁଲ୍, କମ୍ଫଟେବଲ୍ ଫିଲ୍ କରିଥାନ୍ତି । ଜାଣନ୍ତୁ ସେମିତି କିଛି ଷ୍ଟାଇଲିଶ୍ ରାମ୍ପର ଡ୍ରେସ୍ ସମ୍ପର୍କରେ...

* **ଫ୍ଲୋରାଲ୍ ପ୍ରିଣ୍ଟେଡ୍ ରାମ୍ପର ଡ୍ରେସ୍:** ଖରାଦିନେ ପିନ୍ଧିବା ପାଇଁ ଏହା ଏକ ବେଷ୍ଟ ଅପ୍ସନ ହୋଇପାରେ । ଏହା ଉଭୟ କଟନ୍ ଓ ସିଲ୍କ ଫାବ୍ରିକ୍‌ରେ ମିଳିଥାଏ । ତେବେ ଏହି ଟାଇପ୍‌ର ରାମ୍ପର ଡ୍ରେସ୍ ସାଙ୍ଗକୁ ଜୁତି ଫୁଟ୍‌ୱେର ଆଉ ମ୍ୟାଚିଂ ଇୟର ରିଂ ପିନ୍ଧିଲେ ଲୁକ୍ ଆଉ ଟିକେ ଆକର୍ଷଣୀୟ ଲାଗିଥାଏ ।

* **ସ୍ଲିଭ୍‌ଲେସ୍ ରାମ୍ପର ଡ୍ରେସ୍:** ସ୍ଲିଭ୍‌ଲେସ୍ ରାମ୍ପର ଡ୍ରେସ୍ ଝିଅମାନଙ୍କୁ ସ୍ମାର୍ଟ ଲୁକ୍ ଦେବା ସହ କୁଲ୍, କମ୍ଫଟେବଲ୍ ଫିଲ୍ କରାଇଥାଏ । ବିଶେଷକରି ଡାର୍କ କଲରର ଏହି ଡ୍ରେସ୍ ବେଶି ଆକର୍ଷଣୀୟ ଲାଗିଥାଏ । ଏହି ଡ୍ରେସ୍‌ରେ ଲୁକ୍‌କୁ କମ୍ପ୍ଲିଟ୍ କରିବା ପାଇଁ ଝିଅମାନେ ଚାହିଁଲେ ପାଦରେ ହିଲ୍ସ ବି ପିନ୍ଧିପାରିବେ । ଆଉ ଯଦି ଏହି ଡ୍ରେସ୍‌ରେ ପୋଲ୍‌କା ଡଟ୍‌ର ପ୍ରିଣ୍ଟ ଥାଏ, ତା'ହେଲେ ତାକୁ ମ୍ୟାଚିଂ କରି କାନରେ ପୋଲ୍‌କା ଡଟ୍ ଇୟର ରିଂ ମଧ୍ୟ ପିନ୍ଧିପାରିବେ ।

* **ଶର୍ଟ ସ୍ଲିଭ୍ ରାମ୍ପର ଡ୍ରେସ୍:** ଏହାକୁ ବି ଆଉଟିଂ ସମୟରେ ପିନ୍ଧିଲେ ଝିଅମାନଙ୍କୁ କୁଲ୍ ଲୁକ୍ ମିଳିଥାଏ । ଯେହେତୁ ଏହାର ସ୍ଲିଭ୍ ଲେଙ୍ଥ ଶର୍ଟ ବା ଛୋଟ ରହୁଛି, ତେଣୁ ଏହା ସାଙ୍ଗକୁ ସ୍ନିକର୍ସ ପିନ୍ଧିଲେ ଝିଅଙ୍କୁ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିବ ।

* **ପଫ୍ ସ୍ଲିଭ୍ ରାମ୍ପର ଡ୍ରେସ୍:** ପଫ୍ ସ୍ଲିଭ୍‌ବାଲା ଡ୍ରେସ୍ ବି ଝିଅଙ୍କୁ ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ । ତେଣୁ ଯେଉଁ ଝିଅମାନେ କୁଲ୍ ଲୁକ୍ ସାଙ୍ଗକୁ ଟିକେ ଭିନ୍ନ ଦେଖାଯିବା ପାଇଁ ଇଚ୍ଛୁକ ସେମାନେ ଚାହିଁଲେ ପଫ୍ ସ୍ଲିଭ୍‌ର ରାମ୍ପର ଡ୍ରେସ୍ ବି ଟ୍ରାଏ କରିପାରିବେ ।



* **ଡେନିମ୍ ରାମ୍ପର ଡ୍ରେସ୍:** ଡେନିମ୍‌ର ଫ୍ୟାଶନ ତ କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏନାହିଁ । ଆଉ ଯଦି କଥା ଡେନିମ୍ ରାମ୍ପର ଡ୍ରେସ୍‌ର ଆସେ ତା'ହେଲେ ଏହା ଝିଅମାନଙ୍କୁ ସ୍ମାର୍ଟ ଆଉ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ଏହି ଟାଇପ୍‌ର ଆଉଟ୍‌ଫିଟ୍ ସାଙ୍ଗକୁ ସ୍ନିକର୍ସ ଖୁବ୍ ସୁନ୍ଦର ମାନିଥାଏ । ସାଙ୍ଗମାନଙ୍କ ସହ ଆଉଟିଂରେ ଯିବାବେଳେ ଏହାକୁ ପିନ୍ଧିଲେ ଡିଫରେଣ୍ଟ ଲୁକ୍ ମିଳିଥାଏ ।

* **ବେଲ୍ଟ ବାଲା ରାମ୍ପର ଡ୍ରେସ୍:** ଡ୍ରେସ୍ ଉପରେ ବେଲ୍ଟ ବାନ୍ଧିଲେ ଡ୍ରେସ୍‌ର ଲୁକ୍ ଟିକେ ଡିଫରେଣ୍ଟ ଲାଗିଥାଏ । ଏବେ ତ ରାମ୍ପର ଡ୍ରେସ୍ ଉପରେ ବି ବାନ୍ଧିବା ପାଇଁ ସ୍ୱତନ୍ତ୍ର ବେଲ୍ଟ ମିଳିଲାଣି । ଝିଅମାନେ ଚାହିଁଲେ ବେଲ୍ଟ ଲାଗିଥିବା ଏହି ରାମ୍ପର ଡ୍ରେସ୍‌କୁ ପିନ୍ଧି ବିଚ୍‌ପାର୍ଟିକୁ ଯାଇପାରିବେ ନଚେତ୍ ସାଙ୍ଗମାନଙ୍କ ସହ ଆଉଟିଂରେ ଯାଇ କୁଲ୍, କମ୍ଫଟେବଲ୍ ଲୁକ୍ ପାଇପାରିବେ ।

କେବଳ ଏତିକି ନୁହେଁ, ଏହାଛଡ଼ା ଆହୁରି ଅନେକ ଭିନ୍ନ ଭିନ୍ନ ଡିଜାଇନ୍‌ର ରାମ୍ପର୍ ଡ୍ରେସ୍ ବି ମିଳିଥାଏ । ଝିଅମାନେ ଯେବେ ବି ଏହାକୁ କିଣିବେ ନିଜକୁ ମାନିଲା ଭଳି ଆଉ ଭଲ ଫିଟିଙ୍ଗ୍ ହେଉଥିବା ରାମ୍ପର ଡ୍ରେସ୍ ହିଁ କିଣିବେ । ଯଦ୍ୱାରା ସେମାନେ ସ୍ମାର୍ଟ ଆଉ କମ୍ଫଟେବଲ୍ ଲୁକ୍ ପାଇପାରିବେ ।







# ଆନ୍ତର୍ଜାତିକ ପୁରସ୍କାର ପ୍ରାପ୍ତ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ

**ପ୍ରଦୀପ କୁମାର ରାୟ**

**ଅଭିନୟ ପାଇଁ ଆନ୍ତର୍ଜାତୀୟ ମ୍ୟାନିଲା ଫିଲ୍ମ ଫେଷ୍ଟିଭାଲରେ ସର୍ବଶ୍ରେଷ୍ଠ ଅଭିନେତ୍ରୀର ସମ୍ମାନ ପାଇଥିବା ଜଣେ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀଙ୍କ ସମ୍ପର୍କରେ...**

ବିଖ୍ୟାତ ଔପନ୍ୟାସିକ ବିଭୂତି ଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ କାଳଜୟୀ ଉପନ୍ୟାସ 'ପଥେର ପାଁଚାଲୀ'କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ପ୍ରସ୍ତୁତି ଚଳାଇଥାନ୍ତି ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ସତ୍ୟଜିତ ରାୟ। ପ୍ରତିଟି ଚରିତ୍ର ଯେପରି ଜୀବନ୍ତ ଓ ସ୍ୱାଭାବିକ ହେବ ସେଥିପାଇଁ ଅଭିନେତା ଓ ଅଭିନେତ୍ରୀ ନିର୍ବାଚନ ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରୁଥାନ୍ତି। ଚଳଚ୍ଚିତ୍ରର ହରିହର, ସର୍ବଜାୟା, ଅପୁ, ଦୁର୍ଗା ପ୍ରଭୃତି ଚରିତ୍ର ପାଇଁ ଅଭିନେତା/ ଅଭିନେତ୍ରୀ ପାଇ ସାରିଥାନ୍ତି। କିନ୍ତୁ ବହୁ ଅନୁସନ୍ଧାନ ପରେ ମଧ୍ୟ 'ଇନ୍ଦିରା ଠାକରୁନ' ଚରିତ୍ର ପାଇଁ ମନମୁତାବକ ଅଭିନେତ୍ରୀ ଖୋଜି ପାଇନଥାନ୍ତି। କ୍ରମଶଃ ହତାଶ ହୋଇ ପଡୁଥାନ୍ତି ସତ୍ୟଜିତ ରାୟ । ସେହି ଚରିତ୍ର ପାଇଁ ଜଣେ ବୃଦ୍ଧା ଅଭିନେତ୍ରୀ ନ ପାଇଲେ ଚଳଚ୍ଚିତ୍ର ନିର୍ମାଣ ଆଉ ସମ୍ଭବ ହେବନାହିଁ । ବହୁଦିନ ପରେ ଖବର ପାଇଲେ ଯେ ପାଇକପଡାରେ ସେଭଳି ଜଣେ ବୃଦ୍ଧା ଅଛନ୍ତି, ଯିଏ ୧୯୩୨ରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ନିର୍ଦ୍ଦେଶନାରେ 'ନଟୀର ପୂଜା' ନାଟକରେ ଅଭିନୟ କରିଥିଲେ। ତାଙ୍କର ନାମ **ଚୁନୀବାଳା ଦେବୀ**। ଦିନେ ସତ୍ୟଜିତ ରାୟ ପାଇକପଡ଼ା ଯାଇ ଚୁନୀବାଳାଙ୍କ ଘରେ ପହଞ୍ଚିଗଲେ। ସତ୍ୟଜିତ ରାୟଙ୍କୁ ବସିବା ପାଇଁ ଗୋଟିଏ ବେତର ଖଟୁଲି ବଢାଇଦେଇ ଠିକ୍ ତାଙ୍କ ସାମ୍ନାରେ ଭଙ୍ଗା ଚାଳଛପର ଘରର ମାଟି ପିଣ୍ଡା ଉପରେ ବସି ପଡ଼ିଲେ ଅଶୀ ବର୍ଷୀୟା ଜଣେ ବୃଦ୍ଧା। ପରବର୍ତ୍ତୀ କାଳରେ ସତ୍ୟଜିତ ରାୟ 'ପଥେର ପାଁଚାଲୀ' ସିନେମା ନିର୍ମାଣ ସମ୍ପର୍କରେ ଲେଖିବାକୁ ଯାଇ ଲେଖିଥିଲେ ...''ମୁଁ ଯେତେବେଳେ ପ୍ରଥମ ଥର ପାଇଁ ଚୁନୀବାଳା ଦେବୀଙ୍କୁ ଭେଟିଥିଲି ସେତେବେଳେ ତାଙ୍କର ବୟସ ଅଶୀ ବର୍ଷରୁ ମଧ୍ୟ ଅଧିକ । ଗାଲ ଭିତରକୁ ପଶି ଯାଇଛି , ଦେହର ଚମ ଓହଳି ପଡି ଝୁଲୁଛି । ପାକୁଆ ପାଟିରେ ଗୋଟିଏ ହେଲେ ଦାନ୍ତ ନାହିଁ । ତାଙ୍କୁ ଦେଖିବା ମାତ୍ରେ ହିଁ ମୋର ମନେ ହୋଇଥିଲା ଯେ ମୁଁ ଯାହାଙ୍କୁ ଖୋଜୁଥିଲି ଠିକ ତାଙ୍କୁ ହିଁ ପାଇଛି ।''

ବିଭିନ୍ନ କଥାବାର୍ତ୍ତା ଭିତରେ ସତ୍ୟଜିତ ରାୟ ଚୁନୀବାଳାଙ୍କୁ ଯେତେବେଳେ ପଚାରିଥିଲେ – ଆପଣ ବିଭୂତି ଭୂଷଣଙ୍କ 'ପଥେର ପାଁଚାଲୀ' ବହି କଥା ଜାଣିଛନ୍ତି ? ସତ୍ୟଜିତ ରାୟଙ୍କୁ ଆଶ୍ଚର୍ଯ୍ୟ କରିଦେଇ ଚୁନୀବାଳା ଦେବୀ କହିଥିଲେ – 'ମୁଁ ସେହି ବହି ପଢ଼ିଛି। ଖୁବ୍ ଭଲ ବହି ।' ତା'ପରେ ସତ୍ୟଜିତ ରାୟ କହିଥିଲେ – 'ମୁଁ ସେହି ବହିକୁ ନେଇ ସିନେମା କରୁଛି। ଆପଣ କ'ଣ ଇନ୍ଦିରା ଠାକରୁନ ଚରିତ୍ରରେ ଅଭିନୟ କରିପାରିବେ ?' ପାକୁଆ ପାଟିରେ ହସିଦେଇ ଚୁନୀବାଳା କହିଥିଲେ– 'ତୁମେ ଟିକେ ଶିଖାଇ ଦେବ ଯଦି ତା'ହେଲେ ନିଶ୍ଚୟ ପାରିବି ବାପା।' ସତ୍ୟଜିତ ରାୟ ପଚାରିଥିଲେ –'ମାଉସୀ, ଆପଣ କ'ଣ ଲୋରିଟିଏ ଗାଇ ମୋତେ ଶୁଣାଇ ପାରିବେ ?'

ତା'ପରେ ପାକୁଆ ପାଟିରେ 'ଘୁମ ପାଡାନି ମାସିପିସି...' ଗୀତଟିକୁ ଅନାୟାସରେ ଗାଇ ଶୁଣାଇଥିଲେ ଚୁନୀବାଳା ଦେବୀ । ପରବର୍ତ୍ତୀ କାଳରେ ସତ୍ୟଜିତ ରାୟ ଏକ ସାକ୍ଷାତ୍କାରରେ କହିଥିଲେ –''ପିଲାଦିନେ ଜେଜୀମା' କିମ୍ବା ମା'ଙ୍କ ପାଖରୁ ଆମେ ସେହି ଗୀତ ଅନେକ ଥର ଶୁଣିଛୁ କିନ୍ତୁ ମୋତେ ଯଦି କେହି ସେହି ଗୀତ ବୋଲିବାକୁ କହନ୍ତି ମାତ୍ର ଦୁଇ ଚାରି ଲାଇନରୁ ଅଧିକ ମୁଁ ବୋଲି ପାରିବି ନାହିଁ। କିନ୍ତୁ ଚୁନୀବାଳା ଦେବୀ ସେଦିନ ସମ୍ପୂର୍ଣ୍ଣ ଗୀତଟି ଗାଇ ମୋତେ ଚମକାଇ ଦେଇଥିଲେ । ୮୦ ବର୍ଷ ବୟସର ଜଣେ ବୃଦ୍ଧାଙ୍କ ସ୍ମୃତି ଶକ୍ତି ମୋତେ ସ୍ତମ୍ଭୀଭୂତ କରି ଦେଇଥିଲା ।''

ସେଦିନର ସାକ୍ଷାତ ପରେ ସତ୍ୟଜିତ ରାୟ 'ଇନ୍ଦିରା ଠାକରୁନ' ଚରିତ୍ର ପାଇଁ ଅଭିନେତ୍ରୀ ଖୋଜି ପାଇଥିବାରୁ ଆନନ୍ଦରେ ଆତ୍ମହରା ହୋଇପଡ଼ିଥିଲେ। କିନ୍ତୁ ତାଙ୍କ ମନରେ ଗୋଟିଏ ହିଁ ଦ୍ୱନ୍ଦ୍ୱ–କୋଲକାତାର ପାଇକପଡାରୁ ପ୍ରତିଦିନ ବେଡାଲ ଗାଁ, ଯେଉଁ ଲୋକେସନରେ ସିନେମାର ଶୁଟିଂ ହେବ, ଏହି ବୃଦ୍ଧା କ'ଣ ସେତେଦୂର ଯିବା ଆସିବା କରିବାର କଷ୍ଟ ସହ୍ୟ କରିପାରିବେ...! ସତ୍ୟଜିତ ରାୟ ପଚାରିଥିଲେ– 'ଆପଣ କ'ଣ ପ୍ରତିଦିନ ଏତେ ବାଟ ଯିବା ଆସିବା କରିପାରିବେ ମାଉସୀ ?' ଉତ୍ତରରେ ଚୁନୀବାଳା କହିଥିଲେ– 'ତୁମେ ଏତେ କଷ୍ଟ କରି ସିନେମା କରୁଛ ଆଉ ମୁଁ କ'ଣ ଏହି ସାମାନ୍ୟ କଷ୍ଟ କରିପାରିବି ନାହିଁ ।'



ସତ୍ୟଜିତ ରାୟ ପଚାରିଥିଲେ –'ଆପଣ ପ୍ରତିଦିନ କେତେ ଟଙ୍କା ପାରିଶ୍ରମିକ ନେବେ ?' ଚୁନୀବାଳା କହିଥିଲେ – 'ଦିନକୁ ଦଶ ଟଙ୍କା ଦେଲେ ଚଳିବ ବାପା।' ସତ୍ୟଜିତ ରାୟ କହିଥିଲେ –'ଆପଣଙ୍କୁ ପ୍ରତିଦିନ କୋଡ଼ିଏ ଟଙ୍କା ଦିଆଯିବ ।' ୧୯୫୨ ମସିହା ଶରତ ଋତୁରେ କାଶତଣ୍ଡୀ ବଣ ଏବଂ ଗୋଟିଏ ରେଳଗାଡ଼ି ଚାଲିଯାଉଥିବାର ଦୃଶ୍ୟରୁ ସିନେମାର ଶୁଟିଂ ଆରମ୍ଭ ହେଲା। ପ୍ରତିଦିନ ସକାଳେ ଟ୍ୟାକ୍ସି ଯୋଗେ ପାଇକପଡାରୁ ଶୁଟିଂ ସ୍ପଟ ବେଡାଲ ଗାଁକୁ ଚୁନୀବାଳାଙ୍କୁ ନେଇ ସନ୍ଧ୍ୟା ସମୟରେ ପୁଣି ଘରେ ଛାଡ଼ି ଦେବାର ବ୍ୟବସ୍ଥା କରିଥିଲେ ସତ୍ୟଜିତ ରାୟ। ଦିନେ ଶୁଟିଂ ସମୟରେ ଚୁନୀବାଳାଙ୍କୁ ସତ୍ୟଜିତ ରାୟ ପଚାରିଥିଲେ – 'ଆପଣ କୌଣସି ଭଜନ କି ପ୍ରାର୍ଥନା ଗାଇ ପାରିବେ ?' ଚୁନୀବାଳା କହିଥିଲେ– 'ପାରିବି ବାପା' ଆଉ ତା'ପରେ ସେ ଗାଇ ଶୁଣାଇଥିଲେ–'ହରି, ଦିନ ତୋ ଗେଲୋ ସନ୍ଧ୍ୟା ହଲୋ, ପାର କରୋ ମୋରେ ....!' (ହରି , ଦିନ ତ ଗଲା ସନ୍ଧ୍ୟା ହେଲା, ପାରି କରିଦିଅ ମୋତେ..!) ଗୀତ ଶୁଣି ସତ୍ୟଜିତ ରାୟ ମୁଗ୍ଧ। କୌଣସି ବାଦ୍ୟଯନ୍ତ୍ର ବିନା ଚୁନୀବାଳାଙ୍କ କଣ୍ଠରେ ସେହି ଗୀତ ରେକର୍ଡ କରାଗଲା। ପଥେର ପାଁଚାଲୀ ସିନେମାରେ ଇନ୍ଦିରା ଠାକରୁନ (ଚୁନୀବାଳା) ଘରର ପିଣ୍ଡାରେ ବସି ଚାନ୍ଦିନୀ ରାତିରେ ତାଳି ମାରି ମାରି ଗାଇଛନ୍ତି ସେହି ଗୀତ। ସେହି ଗୀତ ଏକ ଅସମ୍ଭବ ସୁନ୍ଦର ପରିବେଶ ସୃଷ୍ଟି କରି ପଥେର ପାଁଚାଲୀ ସିନେମାକୁ ପହଞ୍ଚାଇ ଦେଇଛି ଏକ ଭିନ୍ନ ଜଗତରେ। ୧୯୫୨ ମସିହାରେ ଶୁଟିଂ ଆରମ୍ଭ ହୋଇଥିବା ପଥେର ପାଁଚାଲୀ ସିନେମାର ଶୁଟିଂ ଶେଷ ହେବାକୁ ଲାଗିଥିଲା ତିନିବର୍ଷ। ୧୯୫୫ ମସିହାରେ ନ୍ୟୁୟର୍କଠାରେ ପଥେର ପାଁଚାଲୀ ସିନେମା ପ୍ରଥମେ ମୁକ୍ତିଲାଭ କରିଥିଲା।



ସତ୍ୟଜିତ ରାୟ ଜାଣିଥିଲେ ଯେ ଏହି ଚଳଚ୍ଚିତ୍ର ରିଲିଜ ହେବା ପରେ ଚୁନୀବାଳା କିନ୍ତୁ ଦେଖିବାକୁ ଯାଇପାରିବେ ନାହିଁ। ତେଣୁ ଦିନେ ପ୍ରୋଜେକ୍ଟର ମେଶିନ ସହ ଚୁନୀବାଳାଙ୍କ ଘରକୁ ଯାଇ ଚୁନୀବାଳାଙ୍କୁ ତାଙ୍କ ଘରେ ଦେଖାଇଥିଲେ ପଥେର ପାଁଚାଲୀ ସିନେମା। ଚଳଚ୍ଚିତ୍ରଟି ନ୍ୟୁୟର୍କଠାରେ ରିଲିଜ ହେବା ପୂର୍ବରୁ ସତ୍ୟଜିତ ରାୟଙ୍କ ଉଦ୍ୟମରେ ଚୁନୀବାଳା ଦେବୀ ନିଜ ଘରେ ବସି ନିଜର ଅଭିନୀତ ଚଳଚ୍ଚିତ୍ର ଦେଖିବାର ସୌଭାଗ୍ୟ ପାଇଥିଲେ। ସତ୍ୟଜିତ ରାୟ ଯାହା ଆଶଙ୍କା କରିଥିଲେ ତାହା ହିଁ ସତ ହୋଇଥିଲା। ସିନେମା ରିଲିଜ ହେବା ପୂର୍ବରୁ, ''ହରି, ଦିନ ତ ଗଲା ସନ୍ଧ୍ୟା ହେଲା, ପାରି କରିଦିଅ ମୋତେ..'' ଗାଇ ଗାଇ ଦିନେ ତାଙ୍କର ଭଙ୍ଗା ଚାଳଛପର ଘରେ ଏକା ଏକା ଚିରଦିନ ପାଇଁ ଆଖି ବୁଜି ଦେଇଥିଲେ ଚୁନୀବାଳା ଦେବୀ।

ତା'ପରେ ଘଟିଥିଲା ସେହି ଆଶ୍ଚର୍ଯ୍ୟ ଘଟଣା। ମ୍ୟାନିଲା ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲରେ ସର୍ବଶ୍ରେଷ୍ଠ ଅଭିନେତ୍ରୀଙ୍କ ନାମ ଘୋଷଣା କରାଗଲା । ସମସ୍ତଙ୍କୁ ଚମକାଇ ଦେଇ 'ପଥେର ପାଁଚାଲୀ' ସିନେମାରେ ଇନ୍ଦିରା ଠାକରୁନଙ୍କ ଜୀବନ୍ତ ଅଭିନୟ ପାଇଁ ଚୁନୀବାଳା ଦେବୀଙ୍କ ନାମ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଘୋଷଣା କରାଗଲା । ଚଳଚ୍ଚିତ୍ରର ଇତିହାସରେ ଚୁନୀବାଳା ଦେବୀ ପ୍ରଥମ ଭାରତୀୟ ଅଭିନେତ୍ରୀ ଯିଏ କି ଆନ୍ତର୍ଜାତିକ ସ୍ତରରେ ସର୍ବପ୍ରଥମ ଶ୍ରେଷ୍ଠ ଅଭିନେତ୍ରୀର ସମ୍ମାନରେ ଭୂଷିତା ହେଲେ। ଯେତେବେଳେ ଚୁନୀବାଳା ଦେବୀଙ୍କ ନାମ ଘୋଷିତ ହେଲା, ସମସ୍ତେ ଲକ୍ଷ୍ୟ କରିଥିଲେ ସତ୍ୟଜିତ ରାୟଙ୍କ ଆଖିରେ ଲୁହ ଚିକ୍‌ଚିକ୍ କରୁଥିଲା। ସେଦିନର ସେହି ଐତିହାସିକ ମୁହୂର୍ତ୍ତରେ ଏଭଳି ଏକ ବିରଳ ସମ୍ମାନ ଗ୍ରହଣ କରିବା ପାଇଁ କିନ୍ତୁ ଚୁନୀବାଳା ଦେବୀ ନ ଥିଲେ।



ଭାରତୀୟ ଚଳଚ୍ଚିତ୍ରକୁ ଏଭଳି ଏକ ବିରଳ ମର୍ଯ୍ୟାଦା ପ୍ରଦାନ କରିଥିବା ଚୁନୀବାଳା ଦେବୀଙ୍କୁ ସତତ ପ୍ରଣାମ।

–ଭୁବନେଶ୍ୱର
ମୋ: ୯୪୩୭୫୩୪୭୬୭



# ତ୍ରିବେଣୀ ତୀର୍ଥ

**– ସୁକାନ୍ତ ସାହୁ**

**କେ**ଇଦିନ ହେଲା କୁମ୍ଭମେଳାକୁ ନେଇ ଖୁବ୍ ଚର୍ଚ୍ଚା ଚାଲିଛି। ସେଇ ଚର୍ଚ୍ଚା ଶୁଣିଶୁଣି ମକରଧ୍ୱଜ ମଥାରେ ଏବେ ଅନେକ ପ୍ରଶ୍ନ ଆସିଲାଣି। ମକରଧ୍ୱଜକୁ ଅନେକେ ମକର, ମକରା, ମକରୁ ବୋଲି ଡାକନ୍ତି। ସେ 'ଓ' କରେ। କାହାକୁ ସଳଖି ଡାକିବାକୁ କହେନା। ତାକୁ ଭଲ ଲାଗେନା, ଯାହାକୁ ଯେମିତି ରୁଚିଲା ସେ ସେମିତି ଡାକିଲା, ଇଏ ବା ପ୍ରତିବାଦ କରନ୍ତା କାହିଁକି ? ତେବେ ସେଇ ମକରା ଦିନେ ସାହସ ବାନ୍ଧି ସାଆନ୍ତଙ୍କୁ ପଚାରିଲା– ସାଆନ୍ତେ ! ଏ କୁମ୍ଭମେଳାଟା କ'ଣ ? ସାଆନ୍ତ ଏକ ପ୍ରକାରେ ତାକୁ ଖାଁ କି ଗୋଡ଼େଇ କହିଲେ– ତୁ ସେଥିରୁ ପାଇବୁ କ'ଣ ?

ମକରା ଚୁପ୍। ପୂରା ଚୁପ୍। ଆଉ କୁମ୍ଭ କଥା କି ମେଳା କଥା ମନରେ ଆଣେନା। ତା'ର ଛୋଟିଆ ସଂସାର। ଗୋଟେ ମାଣ ଜମି। ସେଇଥିରେ ସିଏ ତା' ସ୍ତ୍ରୀ, ତା' ପୁଅ, ତା' କୁନି ଝିଅ ଆଉ ବୁଢ଼ୀମାଆ ବୁଢ଼ିଆଣୀ ପରି ଲାଗିଥାନ୍ତି। କେବେ ମାଟି ଖୋଳିଦିଅନ୍ତି। କେବେ ଗଛକୁ ହୁଡ଼ା ଟେକିଦିଅନ୍ତି। କେବେ ନାଳ ଭିତରେ ପାଣି ଛାଡ଼ି ତ କେବେ ଟେଣ୍ଡାରେ ପାଣି ବୁହାନ୍ତି। କେବେ ଗଛରେ ଗୋବର ଖତ ଦିଅନ୍ତି। କେବେ ଗଛପତ୍ରରେ ସଲସଲ ହେଉଥିବା ଶାଁବାଲୁଆକୁ କାଠି ଅଗରେ ଟେକି ଆଣନ୍ତି। ପୁଣି କେତେବେଳେ ତଅପଟ ଖରାରେ ବସି ଚଁଚଁକି ପିଇଯାଆନ୍ତି ତୋରାଣି। ସବୁ ଠିକ୍‌ଠାକ୍ ଚାଲିଲେ, କେବେ ଦି'କେଜି ବାଇଗଣ, ଚାରି କେଜି ଟମାଟୋ, ଦି' ବସ୍ତା କାକୁଡ଼ି ଆଉ ନେଉଟିଆ ବେତାଏ ନେଇ ହାଟକୁ ଯାଏ। କେବେ କେମିତି ଏଇ ସାଆନ୍ତ ଡାକନ୍ତି ତାଙ୍କ ଘରେ ବୋଲହାକ କରିବାକୁ। ଓଃ କି ସୁନ୍ଦର ସେ ମାଣକ ଜମି ! ଜମି ନୁହଁ ମ ବାଡ଼ି। ସେଇଠି ତା' ମାଆ ମଗୁଶିର ଗୁରୁବାର କରେ। ମଳେ ଜାଗା ନିପିଦିଏ। ଗଛରୁ ଦି'ଟା ଗେଣ୍ଡୁଫୁଲ ତୋଳିଆଣେ। ଧୋବଲା ବାଛୁରିର କାଠୁଆ ଗୋବର ଟେଳାକରେ ଖୋସିଦିଏ ଫୁଲ। ହୁଳହୁଳି ପକାଏ। ଛେନାଗୁଡ଼ କଦଳୀ ପତ୍ରରେ ଚକୁଟି, ବେକରେ ନୂଆ ଲୁଗା ପକେଇ ମୁଣ୍ଡିଆ ମାରେ ମା' ଲକ୍ଷ୍ମୀଙ୍କୁ।

ମକରାକୁ ଲକ୍ଷ୍ମୀ ମାଆ ଦିଶନ୍ତି ନାହିଁ। ତା' ମାଆ ମୁହଁ ଉଜ୍ଜ୍ୱଳ ଦିଶେ। ତା' ଆଖିରେ ଲୁହ ଛଳଛଳ ହୁଏ। ମା' କାନିରେ ଲୁହ ପୋଛେ। ପାଟି ପୁଟୁପୁଟୁ କରି ଅସ୍ପଷ୍ଟ ଭାଷାରେ ମା'ଲକ୍ଷ୍ମୀଙ୍କ ସହ କଥା ହୁଏ। ମକରା ଆଁ କରି ଅନାଏ। କିଛି ବୁଝେନା। ବୁଝେ ଚାଖଣ୍ଡେ ପେଟ, ଦି'ହାତ ପେଟ ତଳ। ପେଟକୁ ଭାତ ଆଉ ପେଟତଳକୁ ଲୁଗା ଦରକାର। ଏତିକ ନହେଲେ ମଣିଷ ମଣିଷ ହୋଇ ପାରିବ ନାହିଁ।

ମା' ତାକୁ କହେ, ଏଇଠି ମୁଣ୍ଡିଆ ମାରେ। ସେ ମାରେ। ତା' ମନରେ ଭକ୍ତିଆସେନା। ମାଆକୁ ଖୁସି କରିବା ପାଇଁ ସେ ସେମିତି କରେ।

ସାଆନ୍ତ କୁମ୍ଭମେଳାରୁ ଫେରିଆସିଲେଣି। ତାଙ୍କ ମୁହଁରୁ ଏବେ ବି ଚାକର ବାକରଙ୍କ ପ୍ରତି କୁଭାଷା ବାହାରେ। ସେ ଭାବୁଥିଲା କୁମ୍ଭରୁ ଫେରି ସାଆନ୍ତ ବଦଳିଯିବେ। କିନ୍ତୁ କୁମ୍ଭ ବି ସାଆନ୍ତଙ୍କୁ ବଦଳେଇ ପାରିଲାନି।

ମକରାକୁ ତ ସେ ସଫା କହିଛନ୍ତି– ତୁ ସେଥିରୁ ପାଇବୁ କ'ଣ ?

ସତ କଥା ଆଜ୍ଞା ମକରା ଯେମିତି, ସେଥିରୁ ଯଦି କିଛି ବଦଳିଯାଏ କେମିତି ହେବ ? ପେଟ କେମିତି ପୂରିବ ନା ପିଚା କେମିତି ନୁଚିବ ?

ମକରା ତା' ସ୍ତ୍ରୀ, ପୁଅ, ଝିଅ ଆଉ ମା'କୁ ନେଇ ସବୁ ଦିନ ସବୁ ରାତି ନିଜ ମାଣକ ଜମିରେ ଧର୍ମ ଅର୍ଜେ। ନିଜ ପେଟ ପୂରାଏ। ହାଟକ ଯାକ ଲୋକଙ୍କ ମୁହଁରେ ହସ ଫୁଟାଏ। ଏଇ ଗାଁ, ଏଇ ହାଟ, ଏଇ ମାଣକ ଜମି ତ ତା' ତ୍ରିବେଣୀ ତୀର୍ଥ।

*– ଭବାନୀପାଟଣା, କଳାହାଣ୍ଡି, ମୋ: ୯୪୩୭୭୦୦୦୩୭*

## ନାରୀଟିଏ ବୋଲି

**– ଲତିକା ମହାପାତ୍ର**

**କି**ଛି ବିହ୍ୱଳ ମୁହୂର୍ତ୍ତ ଦିଅ
ଦିଅ ଦିଅ ମୋତେ ଅନ୍ୟମନସ୍କତା
ଭିତର ଖାଲିପଣ ସବୁ ଭରିଯାଉ
ସେ ତନ୍ମୟ ବିଭୋର ପଣରେ..
ମୋତେ କହିବାକୁ ମନା ଅନେକ କିଛି
ଭାବିବାକୁ ମନା ବି ସେଇମିତି ଅନେକ କିଛି
ମୋତେ ବାରଣ ନିଜକୁ ଦେଖିବାକୁ
ଆବେଗର ବର୍ଣ୍ଣମାଳା ଆଙ୍କିବାକୁ
ସ୍ୱପ୍ନରେ ବିଭୋର ହେବାକୁ
ମୁଁ ଏବେ ଏବେ ଦେହସାରା ବୋଳି ହେଇଚି
ଜହ୍ନ ଆଲୁଅ
ପିଇଛି ଅମୃତ ଅନୁରାଗ
ଏବେ ଏବେ ଅତିକ୍ରମିଛି ଅଯୁତ ଅସହାୟତାର
ଅପରିସୀମ ଲହର
ଏବେ ଏବେ ଭାଙ୍ଗିଆସିଛି ଲୁହର ଲହଡି
ପରିଷ୍କାର କରିଚି ଅସ୍ଫୁଟ ଆର୍ତ୍ତନାଦ କୋହର
କୁହୁଡି
ମୁଁ ନଈଟିଏ ମୋ ଭିତରେ ବହୁଛି
ବହିଯାଉଛି କାଳର କୁହୁଳାପଣକୁ ଅଙ୍ଗିଭୂତ କରି
ଆଘାତ ଓ ବିଦ୍ରୋହର ବହ୍ନିଦାହ ବୁକୁରେ
ସାଇତି
ଅର୍ବୁଦ ସମୟ ଧରି
ନାରୀଟିଏ ବୋଲି
ସବୁରି ମଙ୍ଗଳ କାମନା କରି।

*–ତାଳଚେର, ମୋ: ୯୮୬୧୩୮୫୫୩୯*

## ନାରୀ

**– ବେବୀଲତା ଶତପଥୀ**

**ଅ**ପରୂପ ସୌନ୍ଦର୍ଯ୍ୟର ଗନ୍ତାଘର
ମହଣେ ରଜନୀଗନ୍ଧାର ବାସ୍ନା
ରୂପେଲି ଜୋଛନାର ହସ
ଅଥଳ ସାଗରର ମମତା।

ଅସରାଏ ଅଦିନିଆ ବର୍ଷାର କୋହ
ତରଙ୍ଗାୟିତ ପବନର ଚପଳତା
ଚିକ୍ ଚିକ୍ ସୁନେଲି କିରଣର ଲୁହ
ଅଚଳ ମହାମେରୁର ସହିଷ୍ଣୁତା।

ଛାଇ ଆଲୁଅ ଖେଳ ପରି ଉତ୍ଥାନ ପତ୍ତନ
ଆକଣ୍ଠ ଜହର ପାନ କରି ହସିବାର ବ୍ୟତିକ୍ରମ
ଅଭିମାନ ଅଭିଯୋଗ ନ ଥିବା କୋଣାର୍କର ଭଗ୍ନ ଶୀଳା
ଅର୍ଦ୍ଧ ଦଗ୍ଧ ଅନ୍ତର୍ଦାହର କରୁଣା ମୂର୍ଚ୍ଛନା।

ଅସମାହିତ ଗଣିତର ମାନସାଙ୍କ
ଅସଜଡ଼ା ଭୌଗୋଳିକ ମାନଚିତ୍ର
କେବେ ମା' କେବେ ଜାୟା କେବେ ତ ଭଗିନୀ,
କେବେ ପୁଣି ପ୍ରେମିକା ସେ
ନାରୀ ଗୋଟିଏ ଶବ୍ଦ ବିଭିନ୍ନ ଚରିତ୍ର।

*–କଳିଙ୍ଗ ବିହାର, ଭୁବନେଶ୍ୱର,*
*ମୋ: ୬୩୭୨୯୯୯୫୯୦*





# ଡେଭିଡ୍‌ଙ୍କ ପ୍ରଶଂସାରେ ଶ୍ରଦ୍ଧା

'ସ୍ତ୍ରୀ ୨' ସୁପରହିଟ୍ ହେବା ପରେ ଶ୍ରଦ୍ଧାଙ୍କ ଡିମାଣ୍ଡ କାହିଁରେ କେତେ। ନିକଟରେ ନିଜ କ୍ୟାରିୟର ବିଷୟରେ ସୂଚନା ଦେଉଦେଉ ସେ ହିନ୍ଦୀ ସିନେମା ଜଗତର ବିଶିଷ୍ଟ ତଥା ବରିଷ୍ଠ ନିର୍ଦ୍ଦେଶକ ଡେଭିଡ ଧୱନଙ୍କୁ ପ୍ରଶଂସା କରିବାକୁ ଭୁଲି ନ ଥିଲେ। କେବଳ ସେତିକି ନୁହେଁ, ତାଙ୍କର ଏକ ଦୀର୍ଘ ଦିନର ଆଶା ରହିଛି। ତାହା ପୂରଣ ହେବା ଡେଭିଡ୍‌ଙ୍କ ଉପରେ ହିଁ ନିର୍ଭର କରେ ବୋଲି କହିଥିଲେ। ହେଲେ ସେହି ଆଶାଟି କ'ଣ ଜାଣିବେନି ? ଏ ନେଇ ଶ୍ରଦ୍ଧା କହନ୍ତି, ''ଗତ କିଛି ମାସ ହେବ ମୋ ମନରେ ଏକ କଥା ଉଙ୍କି ମାରୁଛି। ତାହା ହେଲା, ସୁପରହିଟ୍ ଫିଲ୍ମ 'ରାଜା ବାବୁ'ର ପାର୍ଟ-୨ ନିର୍ମାଣ ହେବା ଦରକାର। କେବଳ ସେତିକି ନୁହେଁ, କାଷ୍ଟିଂରେ ଯଦି ଗୋବିନ୍ଦା ଏବଂ ଶକ୍ତି କପୁର ରହନ୍ତି ତେବେ ଫିଲ୍ମକୁ ବେଶ୍ ମାଇଲେଜ ମିଳିବ। ମୁଁ ଏ ନେଇ କେବଳ ଭାବିଲେ ତ ହେବ ନାହିଁ, ଯଦି ଏହାର ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଏ ନେଇ ଚିନ୍ତା କରନ୍ତି ତେବେ ମୋର ଆଶା ପୂରଣ ହେବ।'' ୧୯୯୪ରେ ରିଲିଜ ହୋଇଥିବା 'ରାଜା ବାବୁ' ଦର୍ଶକଙ୍କୁ ଖୁବ୍ ଏଣ୍ଟରଟେନ କରିଥିଲା। ଗୋବିନ୍ଦା, ଶକ୍ତି କପୁରଙ୍କ ବ୍ୟତୀତ ଏଥିରେ କରିଶ୍ମା କପୁର, କାଦର ଖାଁ, ଅରୁଣା ଇରାନୀ ଏବଂ ପ୍ରେମ ଚୋପ୍ରା ପ୍ରମୁଖ ଅଭିନୟ କରିଥିଲେ। ଏହାର ଗୀତଗୁଡିକ ବେଶ୍ ଶ୍ରୁତି ମଧୁର ହୋଇଥିଲା।



ମୌନି

# ଫୁରସତ୍ ମିଳିଲେ..

ମୌନି ରୟଙ୍କୁ ଯେତେବେଳେ ବି ଟିକେ ସମୟ ମିଳେ ସେ କ'ଣ କରନ୍ତି ଜାଣନ୍ତି ? ଫୁରୁସତ ମିଳିବା କ୍ଷଣି ସେ ରଙ୍ଗ ତୂଳୀ ଧରି ବସିପଡନ୍ତି। ଆଉ ନିଜ ମନ ପସନ୍ଦର ଚିତ୍ର ଆଙ୍କନ୍ତି। ମୌନି କୁହନ୍ତି, ''ଯେତେବେଳେ ମୋତେ ଟିକେ ସମୟ ମିଳେ ମୁଁ ଚିତ୍ର ଆଙ୍କିବାକୁ ଭଲ ପାଏ। ଏର୍ପ୍ୟନ୍ତ ମୁଁ ଅନେକ ଚିତ୍ର ଆଙ୍କି ସାରିଛି। ସତ କଥା କହିବାକୁ ଗଲେ ମୋତେ ଏଥିରୁ ବେଶ୍ ଆତ୍ମତୃପ୍ତି ମିଳିଥାଏ।'' ଏହାବ୍ୟତୀତ ଅବସର ସମୟରେ ସେ ଦର୍ଶନୀୟ ସ୍ଥାନ ବୁଲିବାକୁ ଭଲ ପାଆନ୍ତି। ତାଙ୍କ ମନ ପସନ୍ଦର ଟୁରିଷ୍ଟ ସ୍ଥାନ ହେଲା ପ୍ୟାରିସ ଏବଂ ଲଣ୍ଡନ। ଆଉ ଏକ କଥା, ଯେତେବେଳେ ସେ ବୁଲିବାକୁ ଯାଆନ୍ତି ସେତେବେଳେ ସାଙ୍ଗରେ ୨-୩ଟି ଉପନ୍ୟାସ ନେଇଯାଆନ୍ତି। ପଶ୍ଚିମବଙ୍ଗର କୁଚ୍ ବିହାରେ ଜନ୍ମିତା ମୌନିଙ୍କର ରୋଲ୍ ମଡେଲ ହେଉଛନ୍ତି ତାଙ୍କର ବାପା। 'ଓ୍ୱ କୌନ ଥା' ଫିଲ୍ମର 'ଲଗ୍ ଜା ଗଲେ' ଗୀତଟିକୁ ସେ ବାରମ୍ବାର ଶୁଣିବାକୁ ଭଲ ପାଆନ୍ତି। ତାଙ୍କର ନିକ୍ ନେମ୍ ହେଲା ମନୟା। ସାଙ୍ଗମାନେ ତାଙ୍କୁ ଶ୍ରଦ୍ଧାରେ 'ମନ୍' ବୋଲି ଡାକିଥାଆନ୍ତି।



ଜ୍ୟୋତି

# ମନ କଥା କହିବ ପରୀ

ଓମ ଶାନ୍ତି ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ପରୀ' । ସଞ୍ଜୟ ମହାନ୍ତି ଓ ଚନ୍ଦନ ସ୍ୱାଇଁ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ତ୍ରିପତି କୁମାର ସାହୁ । ଏହି ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏହି ଫିଲ୍ମ ବିଷୟରେ ସେ କହନ୍ତି, 'ଏହାର କାହାଣୀ ଅନ୍ୟ ସିନେମାଠାରୁ ଭିନ୍ନ। କାହାଣୀ ଅନୁସାରେ କିପରି ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସଂଳାପ ଲେଖାଯିବ ତାହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଛି। ଫିଲ୍ମଟି ଦର୍ଶକାଦୃତ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ସିନେମାଟୋଗ୍ରାଫି ଦାୟିତ୍ୱରେ ଅଛନ୍ତି ଧ୍ରୁବାନନ୍ଦ ପଣ୍ଡା। ପ୍ରମୋଦ ପରିଡା ଗୀତ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ । ଜ୍ୟୋତି ଏହାର ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଅନୁରାଧା। ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ନୀଳମଣି ସାହୁ, ସୌମ୍ୟ ପ୍ରକାଶ ଦାସ ଅଧିକାରୀ, ସୌମ୍ୟ ରଞ୍ଜନ ମହାନ୍ତି, ଗୁଛୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ଗୋପାଳ ପଟ୍ଟନାୟକ, ରୋଶନ ଭାରଦ୍ୱାଜ ଓ ଶିଶୁ କଳାକାର ଦିବ୍ୟାଂଶୀଙ୍କୁ ଏଥିରେ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।



ରଣଦୀପ

# ପକେଟ୍ ମନି ପାଇଁ

ରଣଦୀପ ହୁଡା ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କ ମନରେ ଥିଲା ଅନେକ ଆଶା। 'ମନସୁନ୍ ୱେଡିଂ' ଥିଲା ତାଙ୍କର ପ୍ରଥମ ବଲିଉଡ୍ ଫିଲ୍ମ। ହେଲେ ଫିଲ୍ମଟି ଫ୍ଲପ୍ ହେଇ ଯାଇଥିଲା। ତାଙ୍କ କ୍ୟାରିୟରରେ ଟର୍ନିଂ ପଏଣ୍ଟ ଆସିଥିଲା ଗାଙ୍ଗଷ୍ଟର ଫିଲ୍ମ 'ୱାନ୍ସ ଅପ୍ ଅନ୍ ଏ ଟାଇମ୍ ଇନ ମୁମ୍ବାଇ'ରେ। ତେବେ ଜାଣନ୍ତି କି ରଣଦୀପ ଯେତେବେଳେ ଅଷ୍ଟ୍ରେଲିଆରେ ପାଠ ପଢୁଥିଲେ ସେତେବେଳେ ସେ ପକେଟ ମନି ପାଇଁ ଚାଇନିଜ ରେଷ୍ଟୁରାଣ୍ଟରେ କାମ କରିବା ସହ କାର୍ ୱାଶ୍ କରୁଥିଲେ ଓ ଟ୍ୟାକ୍ସି ଡ୍ରାଇଭର ଭାବରେ ବି କାମ କରୁଥିଲେ। ଆଉ ଯେବେ ସ୍କୁଲରେ ପାଠ ପଢୁଥିଲେ ତାଙ୍କର ଏକ ନିଶା ଥିଲା। ତାହା କ'ଣ ଜାଣିବେନି ? ଘୋଡା ଚଢ଼ା। ସେହି ଅଭ୍ୟାସକୁ ସେ ଏପର୍ଯ୍ୟନ୍ତ ବଜାୟ ରଖିଛନ୍ତି। କେବଳ ସେତିକି ନୁହେଁ, ନିଜ ଘରେ ସେ କିଛି ଘୋଡା ବି ପାଳିଛନ୍ତି। ପ୍ରତିଦିନ ଯାହା କରନ୍ତୁ ନା କାହିଁକି ଘୋଡା ଚଢ଼ି ଘେରାଏ ବୁଲି ନ ଆସିଲେ ତାଙ୍କ ମନକୁ ଶାନ୍ତି ମିଳେନା। ଏ ନେଇ ରଣଦୀପ କହନ୍ତି, 'ମୋତେ ଘୋଡା ଚଢ଼ାରେ ଯେଉଁ ମଜା ମିଳେ ଆଉ କେଉଁଥିରେ ମିଳେନା। ସ୍କୁଲ ସମୟରୁ ମୁଁ ଘୋଡା ଚଢ଼ିବା ଆରମ୍ଭ କରିଥିଲି। ସେମାନଙ୍କ ସହ ସମୟ କଟାଇବାରେ କେତେ ଆନନ୍ଦ ମିଳେ ତାହା ମୁଁ ପ୍ରକାଶ କରିପାରିବି ନାହିଁ।''

# ଚାହିଁ ବସିଛନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ଚାହିଁ ବସିଛନ୍ତି କେବଳ ଗୋଟିଏ କଥାକୁ। ତାହା ହେଉଛି କେବେ ସେପଟୁ ତାଙ୍କୁ ଗ୍ରୀନ୍ ସିଗନାଲ ମିଳିବ। କଥା କ'ଣ କି ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ରାକେଶ ରୋଶନ ଏବେ ତାଙ୍କର 'କ୍ରିସ୍' ସିରିଜ୍‌ର ନୂଆ ସିନେମା ଟାଇଟଲ ଘୋଷଣା କରିଛନ୍ତି। 'କ୍ରିସ ୪' ଶୀର୍ଷକ ଏହି ଫିଲ୍ମର ନାୟକ ସାଜିବେ ହୃତିକ। ଅବଶ୍ୟ ଏହାପୂର୍ବରୁ ସେ ଏହି ଚିତ୍ରର ପୂର୍ବ ସିନେମାଗୁଡିକରେ ଟାଇଟଲ ଭୂମିକାରେ ଅଭିନୟ କରିସାରିଛନ୍ତି। ହେଲେ 'କ୍ରିସ ୪'ରେ ହୃତିକଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ତାହା ଫାଇନାଲ ହୋଇନାହିଁ। କେବଳ ଏତିକି ଶୁଣିବାକୁ ମିଳୁଛି ଯେ ଏ ନେଇ ପ୍ରିୟଙ୍କାଙ୍କୁ ସାଇନ୍ କରାଇବାକୁ ରାକେଶ ମନ ବଳାଇଛନ୍ତି। କିନ୍ତୁ ଯେଉଁ ପର୍ଯ୍ୟନ୍ତ କିଛି ଶେଷ ନିଷ୍ପତ୍ତି ନିଆଯାଇ ନାହିଁ ସେ ପର୍ଯ୍ୟନ୍ତ କେବଳ ଧୈର୍ଯ୍ୟର ସହ ଅପେକ୍ଷା କରିବା ହିଁ ସାର। ଏ ନେଇ ପ୍ରିୟଙ୍କା କହନ୍ତି, ''ମୋର ଦୃଢ଼ ବିଶ୍ୱାସ ଏଥର ମଧ୍ୟ ରାକେଶଜୀ ମୋତେ ହିଁ ସାଇନ୍ କରାଇବେ। କାରଣ 'କ୍ରିସ୍' ସିରିଜ୍ ଦର୍ଶକଙ୍କୁ ଏକ ଭିନ୍ନ ଏଣ୍ଟରଟେନମେଣ୍ଟ ଦେଇଛି ଏବଂ ମୁଁ ତାହାର ଏକ ଅଂଶ ରହିଆସିଛି। ତେଣୁ ଏଥର ମଧ୍ୟ ମୋତେ ପୁଣି ଥରେ ସେ ସୁଯୋଗ ଦେବେ ବୋଲି ମୁଁ ଦୃଢ଼ ଆଶାବାଦୀ ଅଛି।'' ଶେଷରେ ଏହି ଫିଲ୍ମର ନାୟିକା ଭୂମିକାରେ କିଏ ଅଭିନୟ କରୁଛନ୍ତି ତାହା ଜାଣିବାକୁ ଅପେକ୍ଷା କରିବାକୁ ହିଁ ପଡିବ। ସେପଟେ 'କ୍ରିସ ୪' ର ନିର୍ଦ୍ଦେଶନା ରାକେଶ ଦେବେ ନାହିଁ ବୋଲି ଘୋଷଣା କରିସାରିଛନ୍ତି।



ପ୍ରିୟଙ୍କା

# କିଆରାଙ୍କୁ ମିଳିଗଲା...

କଥାରେ ପରା ଅଛି-'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା'। ଏଭଳି ଘଟଣା ଘଟିଛି କିଆରା ଆଡୱାନୀଙ୍କ କ୍ଷେତ୍ରରେ। କଥା କ'ଣ କି ଏକ ନୂଆ ସିନେମାରେ ସେ ସୁପରଷ୍ଟାର ଯଶଙ୍କ ଅପୋଜିଟ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ଅବଶ୍ୟ ଏହି ଅଫର୍‌ଟି କିଛି ସପ୍ତାହ ପାଇଁ ତ୍ରିଶଙ୍କୁ ଅବସ୍ଥାରେ ଥିଲା। ଶେଷରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ସବୁଜ ସଙ୍କେତ ଦିଆଯାଇଛି। ଏହି କନ୍ନଡ-ଇଂରାଜୀ ସିନେମାଟିର ଟାଇଟଲ ରହିଛି 'ଟକ୍ସିକ'। କନ୍ନଡ ଫିଲ୍ମର ଅନ୍ୟତମ ଲୋକପ୍ରିୟ ଅଭିନେତା ଯଶ ଉକ୍ତ ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିବେ। ତେବେ ତାଙ୍କର ନାୟିକା କିଏ ସାଜିବ ସେ ନେଇ କଳ୍ପନା ଜଳ୍ପନା ଲାଗି ରହିଥିଲା। ଶେଷରେ ହାତୀ କିଆରାଙ୍କ ମୁଣ୍ଡରେ ସୁନା କଳସ ଢ଼ାଳିଛି। ଏ ବିଷୟରେ କିଆରା କହନ୍ତି, ''ଯେତେବେଳେ ମୁଁ ଜାଣିଲି 'ଟକ୍ସିକ' ଫିଲ୍ମରେ ମୁଁ ଯଶଙ୍କ ସହ ଅଭିନୟ କରିବି ସେତେବେଳେ ମୁଁ କେତେ ଖୁସି ହୋଇଥିଲି ତାହା ବର୍ଣ୍ଣନା କରିପାରିବି ନାହିଁ। କାରଣ ଯଶଙ୍କ ପରି ଅଭିନେତାଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏଥିରେ ମୋ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ମୁଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି।'' ଭେଙ୍କଟ କେ. ନାରାୟଣ ଏବଂ ଯଶଙ୍କ ପ୍ରଯୋଜିତ ଏହି ବିଗ୍ ବଜେଟ୍ ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଗିଟୁ ମୋହନଦାସ। ଚିତ୍ରଟିରେ ନୟନତାରା, ହୁମ୍ମା କ୍ୟୁରେସୀ, ତାରା ସୁଟାରିଆ ଏବଂ ଅକ୍ଷୟ ଓବରୟ ପ୍ରମୁଖ ଅଭିନୟ କରିବେ।



କିଆରା

# ଗାଁରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲି

## ପ୍ରଥମ ରୋଜଗାର



ସ୍ୱାସ୍ଥ୍ୟ ଅଧିକାରୀ **ଡା. ଜିତେନ କୁମାର ଜେନା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନୟାଗଡ଼ ଜିଲା ଗଣିଆ ବ୍ଲକ ବେଲପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଓ୍ୱାଲିପୁର ଗାଁର କୌଶଲ୍ୟା ଜେନା ଓ ସ୍ୱର୍ଗତ ନୀଳାମ୍ବର ଜେନାଙ୍କ ମୁଁ ହେଲି ସାନପୁଅ। ବାପା ବୌଦ୍ଧ ଜିଲା ଆଡେନିଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାବୋରେଟୋରି ଟେକ୍ନିସିଆନ ଭାବେ କାର୍ଯ୍ୟରତ ଥିଲେ, ଆଉ ମା' ଥିଲେ ଜଣେ ଗୃହିଣୀ। ଯୌଥ ପରିବାରର ବଡ ପୁଅ ହିସାବରେ ବାପା ସବୁବେଳେ ତାଙ୍କ ୫ଭାଇ ଓ ୬ଭଉଣୀଙ୍କୁ ମଣିଷ କରିବା ଭିତରେ ନିଜକୁ କେବେ ବି ପ୍ରାଥମିକତା ଦେଉ ନ ଥିଲେ। କିନ୍ତୁ ବୋଉ, ବାପାଙ୍କର ସେହି ସ୍ୱଳ୍ପ ଦରମା ଆଉ ଜଞ୍ଜାଳ ପରିବାର ଭିତରେ ବି ଆମ ଦୁଇ ଭାଇଙ୍କୁ ବଡ ମଣିଷ କରିବାର ସ୍ୱପ୍ନ ଦେଖୁଥିଲେ। ବୋଉ ବାପା ମୋତେ ଭଲ ଡାକ୍ତରଟିଏ ହେବାପାଇଁ ଛୋଟବେଳୁ ପ୍ରୋତ୍ସାହିତ କରି ଆସୁଥିଲେ। ବାପାଙ୍କ ଚାକିରି ସ୍ଥାନ ଆଡେନିଗଡଠାରେ ଥିଲା। ତେଣୁ ସେଠାରୁ ପ୍ରାଥମିକ ଶିକ୍ଷା ଓ ପରେ ଦଶପଲ୍ଲା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ଭୁବନେଶ୍ୱରରେ ଯୁକ୍ତ୨ ବିଜ୍ଞାନ ପଢିଥିଲି। ହେଲେ ସେତେବେଳେ ଡାକ୍ତରୀ ପାଠ ଅପେକ୍ଷା ଇଞ୍ଜିନିୟରିଂ ପଢିବାକୁ ମୋ ମନରେ ଅଧିକ ଆଗ୍ରହ ଆସିବାରୁ ଏଆଇଇଇଇ ପ୍ରବେଶିକା ପରୀକ୍ଷା ଦେଇ ସେଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବାପରେ ଏନ୍‌ଆଇଟି ରାଉରକେଲାରେ କମ୍ପ୍ୟୁଟର ସାଇନ୍ସ ପଢିବା ପାଇଁ ମନୋନୀତ ହୋଇଥିଲି। କିନ୍ତୁ ହଠାତ୍ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨୦୦୯ରେ ବାପାଙ୍କର ଅକାଳ ବିୟୋଗ ହୋଇଯିବାରୁ ତାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଦେଇ ଡାକ୍ତର ହେବା ପାଇଁ ପୁଣି ପଢାପଢି ଆରମ୍ଭ କଲି। ୨୦୧୦ରେ ମେଡିକାଲ ଏଣ୍ଟ୍ରାନ୍ସ ପାସ୍ କରି ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟ, ବୁର୍ଲାରେ ପଢିଲି। ସେଠାରୁ ଏମ୍‌ବିବିଏସ୍ ପାଠ ଶେଷ କରି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ୨୦୧୬ରୁ ଫୁଲବାଣୀର ଗୁମାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ କାର୍ଯ୍ୟ କରୁଅଛି। ମୋ ବଡ଼ ଭାଇ ମଧ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରରେ ଏଏସ୍‌ଓ ଭାବେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଅଛନ୍ତି। ତେବେ ଯେଉଁଦିନ ମୁଁ ମୋ ପ୍ରଥମ ଦରମା ପାଇଥିଲି, ଗାଁରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲି ; ଯେଉଁଥିରେ ଆଖପାଖ ଅନେକ ଗାଁର ଲୋକେ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମାଗଣା ଔଷଧ ନେଇଥିଲେ। ମାନବ ସେବାକୁ ହିଁ ମାଧବ ସେବା ଭାବି ସେବେଠାରୁ ପ୍ରତିବର୍ଷ ବାପାଙ୍କ ଶ୍ରାଦ୍ଧ ଦିବସରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଆସୁଛି। ଡାକ୍ତରୀ ମୋ ପେସା ହୋଇଥିଲେ ହେଁ ଗୀତ ଗାଇବା, ଅଭିନୟ କରିବା ଓ କ୍ରିକେଟ ଖେଳିବା ହେଉଛି ମୋ ନିଶା, ଆଉ ରୋଗୀ ସେବା ମୋର ବୃତ୍ତି ଆଉ ପ୍ରବୃତ୍ତି। ଆଗକୁ ଜଣେ ହୃଦ୍‌ରୋଗ ବିଶେଷଜ୍ଞ ହୋଇ ରୋଗୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ଅଭିଳାଷ ରଖିଛି। ଆଉ ସେହି ଲକ୍ଷ୍ୟ ପଥରେ ପହଞ୍ଚିବାକୁ ଭଗବାନ ମୋର ପଥ ଉନ୍ମୁକ୍ତ କରନ୍ତୁ ବୋଲି କାମନା କରୁଛି।

ସାଥୀ

# ରଙ୍ଗୀଲା ରାଧିକା ଭାରି ଚତୁରୀ, ଚାହାଣୀରେ କଲା ମନକୁ ଚୋରି



**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ଅମନଜିତ ରାଉତ, କଟକ*

**ଉତ୍ତର:** ଜଣେ ଝିଅର ମାନସିକତାକୁ ତର୍ଜମା କରିବା ଏତେ ସହଜ କଥା ନୁହେଁ। କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ହେଲେ ମୋ ଆଖିରେ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ଏହି ସମୟରେ ପ୍ରେମ ଷ୍ଟାର୍ଟ କରିବା ଠିକ୍ ହେବ କି ?

*–ଦୀପକ କୁମାର, ପୁରୀ*

**ଉତ୍ତର:** ସେହି ସୁନ୍ଦରୀର ଲାଜଭରା ଚାହାଣୀରେ ପ୍ରେମ ଲୁଚି ରହିଛି। ସେହି ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ହୁଏତ ଡେରି ହେଲେ ଚାନ୍ସଟା ଆଉ କିଏ ମାରିନେଇପାରେ। 'ରଙ୍ଗୀଲା ରାଧିକା ଭାରି ଚତୁରୀ, ଚାହାଣୀରେ କଲା ମନକୁ ଚୋରି'। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ, ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲି ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି।

*–ବିଜୟ ସାହୁ, ଅନୁଗୋଳ*

**ଉତ୍ତର:** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ଆପଣ ଏବଂ ସେହି ଝିଅ ମଧ୍ୟରେ ବୟସର ପାର୍ଥକ୍ୟ କେତେ ଦେଖି ନିଅନ୍ତୁ। ନ ହେଲେ ପରବର୍ତ୍ତୀ ସମୟରେ ଏହା ଏକ ପ୍ରମୁଖ ସମସ୍ୟା ହୋଇ ଠିଆ ହୋଇପାରେ। ତେବେ ଏଭଳି ଘଟଣା ଆପଣଙ୍କ କଲେଜ ଜୀବନ ଆରମ୍ଭ ନା ଶେଷରେ ଘଟିଛି ତାହା ଲେଖିଲେ ନାହିଁ। ଏପରି ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

*–ତନ୍ମୟ, ରେଢ଼ାଖୋଲ*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ ?

*–ଅଭିଜିତ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ଯଦି ସେ ପ୍ରେମିକା ଆପଣଙ୍କ ହାତକୁ ଅଧା ବାଟରେ ଛାଡି ଚାଲିଗଲା ତେବେ ତାକୁ ନେଇ ଆପଣ ଏତେ ଚିନ୍ତା କରିବାର କ'ଣ ଅଛି। ପ୍ରଥମେ ସେପରି ପ୍ରେମିକାକୁ ମନରୁ ପୋଛି ଦିଅନ୍ତୁ। କାରଣ ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ତେବେ ପ୍ରଥମେ ତାହାର ମୁଳଦୂଆ ଦୃଢ଼ କରନ୍ତୁ। ନୂଆ ପ୍ରେମିକା ଯେମିତି ଅଧା ବାଟରେ ଧୋକା ଦେଇ ଚାଲି ନ ଯାଏ ତାହାର ବ୍ୟବସ୍ଥା ଆରମ୍ଭରୁ କରିନିଅନ୍ତୁ। ନ ହେଲେ ଏମିତି ପ୍ରେମରେ ଧୋକା ଖାଇ ଖାଇ ଆପଣ ଚିନ୍ତାର ଦୁନିଆର ଜଣେ ପରମାନେଣ୍ଟ ଯାତ୍ରୀ ହୋଇଯିବେ।



# ନିଜ ଚେଷ୍ଟାରେ ମ୍ୟୁଜିୟମ୍

**ଦୀର୍ଘ ବର୍ଷର ପରିଶ୍ରମ ପରେ ନିଜ ଚେଷ୍ଟାରେ ସେ କରିଛନ୍ତି ଏକ ସଂଗ୍ରହାଳୟ; ଯେଉଁଠି ରହିଛି ବହୁ ପୁରାତନ ଆଦିବାସୀ ଅଳଙ୍କାର, ବାଦ୍ୟଯନ୍ତ୍ର, ତାଳପତ୍ର ପୋଥି ସହ ବହୁ ପ୍ରାଚୀନ ଘରକରଣା ସାମଗ୍ରୀ...**





ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ବିଭିନ୍ନ ଘରକରଣା ସାମଗ୍ରୀ, ଲୋକବାଦ୍ୟ, ଅଳଙ୍କାର ଆଦି ସଂଗ୍ରହ କରି ଏକ ସଂଗ୍ରହାଳୟ କରିଛନ୍ତି ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା **ଡ. ଅଞ୍ଜଳି ପାଢ଼ୀ।** ଏହି ମ୍ୟୁଜିୟମ ଦେଖିବାକୁ ଏବେ ତାଙ୍କ ଘରେ ଲୋକଙ୍କ ଭିଡ଼ ଜମୁଛି । ଅଞ୍ଜଳି ହେଉଛନ୍ତି ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ତଥା ଲୋକ ସଂସ୍କୃତି ଗବେଷିକା । ସେ ନିଜ ଗବେଷଣା ପାଇଁ ଯେତେବେଳେ ବିଭିନ୍ନ ଗାଁକୁ ଯାଉଥିଲେ, ସେହି ସମୟରୁ ଆଦିବାସୀ ଲୋକ ସଂସ୍କୃତିର ଲୋପ ପାଉଥିବା ସାମଗ୍ରୀକୁ ସଂଗ୍ରହ କରିବା ଆରମ୍ଭ କଲେ । ଦୀର୍ଘ ୨୭ବର୍ଷ ପରିଶ୍ରମ ପରେ ଏବେ ଏହା ଏକ ପୂର୍ଣ୍ଣାଙ୍ଗ ସଂଗ୍ରହାଳୟରେ ପରିଣତ ହୋଇଛି । ଏହି ସଂଗ୍ରହାଳୟରେ ବହୁ ପୁରାତନ ଆଦିବାସୀ ଅଳଙ୍କାର, ଘରକରଣା ସାମଗ୍ରୀ, ବାଦ୍ୟଯନ୍ତ୍ର, ତାଳପତ୍ର ପୋଥି, ବାସନକୁସନ ଆଦି ରହିଛି । ଯାହାକି ସେହି ସମୟର ଆଦିବାସୀ ପରମ୍ପରା ସମ୍ପର୍କରେ ଲୋକଙ୍କୁ ଅବଗତ କରିପାରୁଛି । ଏହି ମ୍ୟୁଜିୟମର ବିଭିନ୍ନ ସାମଗ୍ରୀ ମଧ୍ୟରେ ଆଦିବାସୀ ଲୋକବାଦ୍ୟ ଯଥା ଢୋଲ, ନିଶାନ, ତାସା, ମହୁରୀ ଆଦି ସହ ପୁରାତନ ପାରମ୍ପରିକ ଅଳଙ୍କାର ବି ରହିଛି । ଅଳଙ୍କାର ମଧ୍ୟରେ କତରିଆ, ବନ୍ଦରିଆ, ତାଡ଼ ବାହାସୂତା, ନାଗମୁରି ସମେତ ଅନେକ ଅଳଙ୍କାର ବି ଅଛି । ସେହିପରି ଅତି ସୂକ୍ଷ୍ମ କାରିଗରିରେ ବାଉଁଶ ତିଆରି ମନଲୋଭା ଘରକରଣା ସାମଗ୍ରୀ, ଚାଙ୍ଗୁଡ଼ି, ସାନ ଚାଙ୍ଗୁଡି, ଝାମ୍ପି, ମାଛଧରା ପାରମ୍ପରିକ ଯନ୍ତ୍ର ରହିଛି । ତା'ସହ ବିଭିନ୍ନ ପ୍ରକାରର ଧାନରେ ତିଆରି ଲକ୍ଷ୍ମୀ ଖଟୁଲି ରଖାଯାଇଛି । ସଂଗ୍ରହାଳୟକୁ ବୁଲି ଆସୁଥିବା ଲୋକଙ୍କୁ ଡ. ପାଢ଼ୀ ସବିଶେଷ ତଥ୍ୟ ସହ ବୁଝାଇଥାଆନ୍ତି ; ଯାହାଦ୍ୱାରା ଲୋକ ପୁରାତନ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଜାଣିପାରୁଛନ୍ତି । ସେ ଆଗକୁ ନିଜ ମ୍ୟୁଜିୟମ୍‌କୁ ଆହୁରି ବଢାଇବାକୁ ଚାହୁଁଛନ୍ତି । ଯାହାଦ୍ୱାରା ଆଗାମୀ ପିଢ଼ି ବି ଆମ ପୁରୁଣା ସଂସ୍କୃତି ବିଷୟରେ ଜାଣିପାରିବେ । ଡ. ପାଢ଼ୀଙ୍କ ଏହି ମ୍ୟୁଜିୟମ ଭବିଷ୍ୟତ ପିଢ଼ି ପାଇଁ ନିଶ୍ଚିତ ପ୍ରେରଣା ଓ ଗବେଷଣାର ମାଧ୍ୟମ ସାଜିବ, ଏଥିରେ ସନ୍ଦେହ ନାହିଁ ।

**-ଶୁଭ୍ରାଂଶୁ କୁମାର ନାଏକ**

# ସ୍ୱାମୀଙ୍କୁ ଦେବି ମୋ ସଙ୍ଗୀତର ଶ୍ରେୟ



ପିଲାଟି ଦିନରୁ ସେ ଗୀତ ଗାଇବାକୁ ଭାରି ଭଲପାଉଥିଲେ । ଯେଉଁଥିପାଇଁ ପ୍ରତିଦିନ ଗୀତ ଅଭ୍ୟାସ କରୁଥିଲେ । ସମୟକ୍ରମେ ଆଖପାଖ ଗାଁରେ ଯେଉଁଠି ଯେବେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା ସେଠାରେ ତାଙ୍କୁ ଭଜନଟିଏ ଗାଇବା ପାଇଁ ଲୋଡ଼ା ପଡୁଥିଲା । ଭଜନଗାଇ ସେ ସମସ୍ତଙ୍କଠାରୁ ପ୍ରଶଂସା ପାଉଥିଲେ । ସେ ହେଲେ କଣ୍ଠଶିଳ୍ପୀ **ପ୍ରଭାସିନୀ ଦାସ** । ଘର କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ କାଉପଡ଼ାରେ । ମାତା ଅଞ୍ଜଳି ଦାସ, ପିତା ପ୍ରଫୁଲ୍ଲ ଦାସ । ସେ କୁହନ୍ତି, ଆମେ ଦୁଇ ଭଉଣୀ ଓ ମୋର ତିନି ଭାଇ । ସେମାନଙ୍କ ମଧ୍ୟରେ ମୁଁ ସାନ । ପିଲାଦିନେ ମୋର ବଡ଼ ଭଉଣୀ ଗୀତ ଗାଉଥିବାରୁ ତାଙ୍କୁ ଦେଖି ମୁଁ ଗୀତ ଗାଇବା ମୋହରେ ପଡ଼ିଯାଇଥିଲି । ତା'ଛଡ଼ା ଘରେ ଟିଭି ଓ ରେଡିଓର କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମରୁ ଗୀତ ଶୁଣି ସେହି ଗୀତର ସ୍ୱର, ଲୟ, ତାଳ ଆଦିର କଳା କୌଶଳକୁ ଅଭ୍ୟାସ କରୁଥିଲି । ଏମିତିରେ ମୁଁ ମୋ ପ୍ରଚେଷ୍ଟା ଜାରି ରଖିଥାଏ । ଯା' ଭିତରେ ମୋର ବାହାଘର ହୋଇଯାଏ । ବିବାହ ପରେ କିଛିଦିନ ପାଇଁ ଗୀତରୁ ଦୂରେଇ ରହିଲି । ହେଲେ ପରେ ସ୍ୱାମୀ ଲକ୍ଷ୍ମୀଧର ବେହେରା ମୋ ପାଇଁ ସୁଯୋଗ ଆଣିଦେଲେ । ସେ ନିଜେ ଜଣେ ମ୍ୟୁଜିକ୍ କମ୍ପୋଜର, କଣ୍ଠଶିଳ୍ପୀ ଓ ଫଟୋଗ୍ରାଫର । ସେ ମୋତେ ସହଯୋଗ କଲେ ସଙ୍ଗୀତ କ୍ଷେତ୍ରରେ ଆଗକୁ ଯିବାପାଇଁ । ଯାହା ମୋତେ ଖୁସି ଦେବା ସହ ଗୀତ ଗାଇବା ପାଇଁ ଉତ୍ସାହିତ କଲା । ଆମେ ଦୁଇଜଣ କଳାପ୍ରେମୀ । ମୋ ସ୍ୱାମୀ ଚାହୁଁଥିଲେ ମୁଁ କିପରି ଜଣେ ଭଲ କଣ୍ଠଶିଳ୍ପୀ ହୁଏ । ସେଥିପାଇଁ ପ୍ରତିଦିନ ସକାଳେ ଯେତେବେଳେ ସେ ହାରମୋନିୟମ ବଜାନ୍ତି, ତାଙ୍କ ସହିତ ହାରମୋନିୟମ ସ୍ୱରରେ ତାଳଦେଇ ସଙ୍ଗୀତ ଅଭ୍ୟାସ କରେ । କେବଳ ମୋ ସ୍ୱାମୀ ନୁହନ୍ତି, ଶାଶୁଘରର ଅନ୍ୟମାନଙ୍କର ମଧ୍ୟ ସହଯୋଗ ରହିଛି । ଫଳରେ ଯା'ଭିତରେ ୭୦ରୁ ଅଧିକ ବିଭିନ୍ନ ଗୀତରେ କଣ୍ଠଦାନ କରିବା ସହିତ କେତୋଟି ୟୁଟ୍ୟୁବ୍ ଚ୍ୟାନେଲ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସଙ୍ଗୀତ ପରିବେଷଣ କରିଛି । ଆଜି ମୁଁ ଖୁସି ଯେ, ସଙ୍ଗୀତ ପାଇଁ ମୋତେ ସାଇ ସମ୍ପୂର୍ଣ୍ଣା କ୍ରିଏଶନ ମ୍ୟୁଜିକ, ସ୍ୱାଗତିକା ଜାତୀୟ ସମ୍ମାନ, ହେଲ୍ପ ମେଟ୍, ମଙ୍ଗଳ ହୁଣ୍ଡି, ପରିକ୍ରମା ପ୍ରଭୃତି ସଂସ୍ଥା ତରଫରୁ ସମ୍ବର୍ଦ୍ଧନା କରାଯାଇଛି । ସଙ୍ଗୀତ ଛଡ଼ା ଅସହାୟ, ଅନାଥ ଶିଶୁ ଏବଂ ବୃଦ୍ଧଙ୍କ ପାଇଁ ସାଧ୍ୟମତେ ବିଭିନ୍ନ ସମୟରେ ଖାଦ୍ୟ, ବସ୍ତ୍ର ବଣ୍ଟନ କରିବା ଆଦି ସେବା କାର୍ଯ୍ୟ କରିଥାଏ ; ଯାହା ମୋତେ ଆତ୍ମସନ୍ତୋଷ ଦେଇଥାଏ ।



**-ବନବିହାରୀ ବେହେରା**




## ହାଃ ହାଃ

### କୋମା

ଗାଁର ଦୁଇଜଣ ମହିଳା କଥା ହେଉଥାନ୍ତି । ପ୍ରଥମ ମହିଳା: ଜାଣିଛୁ, ଆମ ସରପଞ୍ଚଙ୍କ ବାପା କୋମାକୁ ପଳେଇଛନ୍ତି ।

ଦ୍ୱିତୀୟ ମହିଳା: ସତ କି ନାନୀ ! ହଁ, ସେମାନେ ତ ଧନୀଲୋକ । ଯେଉଁଆଡ଼େ ଚାହିଁବେ ଯାଇପାରିବେ । ଯାଆନ୍ତୁ.. । ଆମର କ'ଣ ଯାଉଛି ?

### ନମ୍ବର

ବାପା ଝିଅର ପରୀକ୍ଷାର ଉତ୍ତର ପେପର୍ ଦେଖି: ତୋ ଇଚ୍ଛା ସବୁ ପୂରଣ କରୁଛି, ତୋ ପଢା ପାଇଁ ଏତେ ଟଙ୍କା ଖର୍ଚ୍ଚ କରୁଛି, ତଥାପି ତୁ ନମ୍ବର ଆଣିପାରୁନୁ ?

ଝିଅର ମା': ହଁ, ବାପା ତ ଠିକ୍ କଥା କହୁଛନ୍ତି । ତୋ ପଢା ପାଇଁ ଏତେ ଖର୍ଚ୍ଚ କରାହେଉଛି ତଥାପି ତୁ କାହିଁକି ନମ୍ବର ଆଣିପାରୁନୁ ?

ଝିଅ: ମାମା, ମୁଁ କ୍ଲାସ୍‌ରେ ଟପ୍ କରିଛି । ବାପା ତ ଆମ ମିସ୍‌ଙ୍କ ନମ୍ବର କାହିଁକି ଆଣିପାରୁନୁ ବୋଲି କହୁଥିଲେ ।

### କଲ କରେ ସୋ ଆଜ୍


ବାପା ପୁଅକୁ ବୁଝାଉଥିଲେ: କଲ କରେ ସୋ ଆଜ, ଆଜ କରେ ସୋ ଅଭି । ଅର୍ଥାତ୍ କାଲିର କାମ ଆଜି କର । ଆଉ ଆଜିର କାମ ଏବେ ।


ପୁଅ: ହେଲେ ବାପା କାଲି ସକାଳେ ଯୋଉ ଟଙ୍କି କରିବାର ଅଛି ଆଜି କେମିତି କରିବି ?

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲା

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ସାଙ୍ଗଲା





**ହୀମାଚଳ ପ୍ରଦେଶର କିନ୍ନାଉର୍ ଜିଲା ଅନ୍ତର୍ଗତ ବାସ୍‌ପା ଉପତ୍ୟକା ନିକଟରେ ରହିଛି ଏକ ସୁନ୍ଦର ସହର; ଯାହାର ନାଁ ହେଉଛି ସାଙ୍ଗଲା । ଏହାକୁ କେହି କେହି ସାଙ୍ଗଲା ଉପତ୍ୟକା ବୋଲି ବି କହିଥାନ୍ତି । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକ ଏଠାରେ ଉପଭୋଗ କରିପାରିବେ ...**

**ସା**ଙ୍ଗଲା ହେଉଛି ଏକ ଛୋଟ ସହର ; ଯାହାକି ହୀମାଚଳ ପ୍ରଦେଶର କିନ୍ନାଉର୍ ଜିଲା ଅନ୍ତର୍ଗତ ବାସ୍‌ପା ଉପତ୍ୟକା ନିକଟରେ ରହିଛି । ଉପତ୍ୟକା ଅଞ୍ଚଳରେ ଏହାର ଅବସ୍ଥିତି ହୋଇଥିବାରୁ କେହି କେହି ସାଙ୍ଗଲା ସହରକୁ ସାଙ୍ଗଲା ଉପତ୍ୟକା ବୋଲି ବି ସମ୍ବୋଧନ କରିଥାନ୍ତି । ପାହାଡ ପର୍ବତ ଘେରା ଏହି ସ୍ଥାନରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟର ଛିଟା ସାଙ୍ଗକୁ ବହୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ମିଳିଥାଏ । ତା’ଛଡ଼ା ଖରାଦିନେ ଏଠାକାର ଜଳବାୟୁ ବେଶ୍ ମନୋରମ ରହୁଥିବା ଯୋଗୁଁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୁଏ ।

### କ’ଣ ଦେଖିବେ

ବାସ୍‌ପା ଉପତ୍ୟକାର ଠିକ୍ ମଧ୍ୟ ଭାଗରେ ସାଙ୍ଗଲା ରହିଥିବାରୁ ଏଠାକାର ପରିବେଶ ବୁଲାବୁଲି କରିବାକୁ ବେଶ୍ ମନୋରମ ରହିଥାଏ । ଯେଉଁଥିପାଇଁ ଏଠାକାର ନିକଟତମ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବୁଲି ଯିବାରେ ସୁବିଧା ହୁଏ । ଏଠାରେ ଦେଖିବାକୁ ମିଳୁଥିଲା କେତୋଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଲା:

✲ **ରକ୍‌ଛାମ୍:** ସାଙ୍ଗଲାଠାରୁ ମାତ୍ର ଅଳ୍ପ କିଛି ଦୂରରେ ରହିଛି ଏହି ସ୍ଥାନଟି । ପ୍ରକୃତପକ୍ଷେ ଏହା ହେଉଛି ସ୍ଥାନୀୟ ଏକ ଗାଁ । ଏଠାରେ ଦେଖିବାକୁ ମିଳୁଥିବା ବରଫାଚ୍ଛନ୍ନ ପାହାଡର ଅପୂର୍ବ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ମୋହିତ କରିଥାଏ । କହିବାକୁ ଗଲେ, ପ୍ରକୃତିପ୍ରେମୀଙ୍କ ପାଇଁ ଏହି ସ୍ଥାନଟି କୌଣସି ସ୍ୱର୍ଗଠାରୁ କମ୍ ନୁହେଁ ।

✲ **ବେରିଙ୍ଗ ନାଗ ମନ୍ଦିର:** ସ୍ଥାନୀୟ ଏକ ପାହାଡର ଶୀର୍ଷ ଦେଶରେ ଅବସ୍ଥିତ ଏହି ମନ୍ଦିରଟି ହେଉଛି ସାଙ୍ଗଲାର ଅନ୍ୟତମ ପ୍ରାଚୀନ ତଥା ପ୍ରସିଦ୍ଧ ମନ୍ଦିର । ଏହି ମନ୍ଦିରଟି ଭଗବାନ ଶିବଙ୍କର ଏକ ସ୍ୱରୂପ କୁହାଯାଉଥିବା ଭଗବାନ ଜଗସ ଅବା ବେରିଙ୍ଗ ନାଗ ଦେବତାଙ୍କୁ ସମର୍ପିତ । ଖୁବ୍ ପ୍ରତ୍ୟେକ୍ଷ ଠାକୁର ହୋଇଥିବାରୁ ତାଙ୍କର ଆଶିଷ ଲଭିବାକୁ ବହୁ ସଂଖ୍ୟାରେ ଭକ୍ତଗଣ ଏଠାକୁ ଧାଇଁ ଆସିଥାନ୍ତି ।


ଏହାଛଡ଼ା ସାଙ୍ଗଲାଠାରେ ପର୍ଯ୍ୟଟକ ବାଟଶେରୀ, ମାତା ଦେବୀ ମନ୍ଦିର, ପିରି ନାଗେଶ ମନ୍ଦିର ଇତ୍ୟାଦି ଧାର୍ମିକ ପୀଠ ବି ଦେଖିପାରିବେ । ସେହିପରି କାମ୍‌ରୁ ନାମକ ଏକ ସ୍ୱତନ୍ତ୍ର ଦୁର୍ଗ ବି ଏଠାରେ ଅଛି ; ପର୍ଯ୍ୟଟକ ଏଠାକୁ ଯାଇ ବି କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ । ଅନ୍ୟପକ୍ଷେ ଏହି ସ୍ଥାନରେ କେତୋଟି ଛୋଟ ଛୋଟ ହ୍ରଦ ଥିବାର ବି ଦେଖାଯାଏ, ପର୍ଯ୍ୟଟକ ସେଠାକୁ ଯାଇ ବି ବୁଲିପାରିବେ ।


### ଟ୍ରେକିଂର ମଜା ନିଆରା


ଏଠାରେ ଟ୍ରେକିଂ ପାଇଁ ଭଲ ସୁବିଧା ରହିଛି । ଖାସ୍ ସେଥିପାଇଁ ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କର ଏଠି ବେଶ୍ ଭିଡ଼ ଜମେ । ସେମାନେ ଏଠାରେ ଟ୍ରେକିଂ କରି ନିକଟସ୍ଥ ଗାଁ ଗୁଡ଼ିକୁ ବୁଲିଯାଇ ଅନେକ ନିଆରା ଅନୁଭୂତିମାନ ସାଉଁଟିପାରିବେ ।


### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ ; ଶୀତଦିନେ ଯେହେତୁ ଏଠାରେ ଟିକେ ଅଧିକ ଥଣ୍ଡା ହୁଏ, ତେଣୁ ସେ ସମୟରେ ଟିକେ କମ୍ ସଂଖ୍ୟାର ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି । କିନ୍ତୁ ଖରାଦିନେ ଏଠାକାର ପାଣିପାଗ ବେଶ୍ ଅନୁକୂଳ ରହୁଥିବା ଯୋଗୁ ଏହି ସମୟରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳେ । ତା’ଛଡ଼ା ଜାନୁୟାରୀ, ମାର୍ଚ୍ଚ, ଜୁଲାଇ ଓ ସେପ୍ଟେମ୍ବର ମାସରେ ଏଠାରେ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଥାଏ ; ଯାହାକୁ ଦେଖିବାକୁ ପର୍ଯ୍ୟଟକ ବି ଆସିଥାନ୍ତି । ସେହିପରି ଏଠାକୁ ଯିବା ପାଇଁ ସିଧାସଳଖ ଟ୍ରେନ୍‌ର ସୁବିଧା ନାହିଁ । ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ସାହାଯ୍ୟରେ ଏଠାକୁ ଯାଇପାରିବେ । ଦିଲ୍ଲୀ, ଚଣ୍ଡିଗଡ଼ରୁ ସିଧାସଳଖ ବସ୍ ମିଳିଯିବ ।










# ଘିବ୍‌ଲି ଆର୍ଟ ପଛର କଥା




**ଆଜିକାଲି ସୋସିଆଲ ମିଡିଆରେ ଘିବ୍‌ଲି ଆର୍ଟ ଏନିମେଟେଡ୍ ଫଟୋର ଟ୍ରେଣ୍ଡ ଚାଲିଛି । ତେବେ ଜାଣନ୍ତି କି ଏହି ଘିବ୍‌ଲି ଆର୍ଟ କ'ଣ ଓ କେଉଁଠୁ ଆସିଛି?**

**ଭା**ରତରେ ଏବେ ସେଲିବ୍ରିଟି, ଇନ୍‌ଫ୍ଲୁଏନ୍ସରଙ୍କଠୁ ଆରମ୍ଭ କରି ସାଧାରଣ ଲୋକ ଘିବ୍‌ଲି ଆର୍ଟ ଆନିମେଟେଡ୍ ଫଟୋ ଟ୍ରେଣ୍ଡରେ ସାମିଲ ହେଉଛନ୍ତି । ତେବେ ଜାଣନ୍ତି କି ଏହି ଘିବ୍‌ଲି ଆର୍ଟ ଭାରତର ନୁହେଁ, ଏହାର ଜନ୍ମସ୍ଥାନ ହେଉଛି ଜାପାନରେ । ଆଉ ଏହାର ଜନକ ହେଉଛନ୍ତି ହାୟାଓ ମିୟାଜାକି, ଯାହାଙ୍କୁ କି ଜାପାନୀ ଆନିମେଶନ୍ ଦୁନିଆର ବାଦଶାହ କୁହାଯାଏ । ନିର୍ଦ୍ଦେଶକ ଇଶାଓ ତାକାତାହ ଏବଂ ନିର୍ମାତା ତୋସିଓ ସୁଜୁକିଙ୍କ ସହ ମିଶି ମିୟାଜାକି ଘିବ୍‌ଲି ଷ୍ଟୁଡିଓ ପ୍ରତିଷ୍ଠାତା କରିଥିଲେ । ଯେଉଁଠି ସେ ଏହି ଆର୍ଟ କରନ୍ତି । ସେ କରିଥିବା ଆନିମେଟେଡ ଫିଲ୍ମଗୁଡ଼ିକୁ ସାରା ପୃଥିବୀରେ ପସନ୍ଦ କରାଯାଇଛି । ଆଉ ହଜାର ହଜାର କୋଟି ଟଙ୍କା ଆୟ ହୋଇଛି । ତାଙ୍କର ସବୁଠାରୁ ଅଧିକ ଆୟ କରିଥିବା ଆନିମେଟେଡ ଫିଲ୍ମ ହେଉଛି 'ସ୍ପିରିଟେଡ ଅୱେ', ଯାହାକି ୨୩୦୦ କୋଟି ଆୟ କରିଥିଲା ।

ଘିବ୍‌ଲି ଆର୍ଟକୁ ଷ୍ଟୁଡିଓରେ ବେଶ୍ ସତର୍କତା ଓ ସାବଧାନତାର ସହ କରାଯାଏ । ଏଥିପାଇଁ କୌଣସି ଡିଜିଟାଲ ସହାୟତାର ବ୍ୟବହାର କରାଯାଏ ନାହିଁ । ଆଜିକାର ଦୁନିଆରେ ଯେଉଁଠି କମ୍ପ୍ୟୁଟର ଆନିମେଶନ ସାରା ଦୁନିଆକୁ କବଳିତ କରିଛି, ସେ ସମୟରେ ତାଙ୍କର ପ୍ରତ୍ୟେକ ଫ୍ରେମ୍ ପଛରେ ମାନବ କଳାକାରଙ୍କ ପରିଶ୍ରମ ରହିଛି । ପ୍ରାୟତଃ ମିୟାଜାକି ହିଁ ଏହାକୁ କରନ୍ତି ।


ଏତେ ପରିଶ୍ରମ ଓ ଭାବଭରା ଏହି ଘିବ୍‌ଲି ଆର୍ଟକୁ କିନ୍ତୁ ଏବେ କିଛି ଆପ୍ ଜରିଆରେ ଏଆଇ ମାଧ୍ୟମରେ ମାତ୍ର କିଛି ସମୟ ଭିତରେ ପ୍ରସ୍ତୁତ କରାଯାଇପାରୁଛି । ଆଉ ସାଧାରଣ ଲୋକଙ୍କଠୁ ଆରମ୍ଭ କରି ସେଲିବ୍ରିଟି, ଇନ୍‌ଫ୍ଲୁଏନ୍ସର ସମସ୍ତେ ନିଜର କିଛି ଖାସ୍ ମୁହୂର୍ତ୍ତର ଫଟୋକୁ ଏହି ଆପ୍ ଜରିଆରେ ଏଆଇ ଦ୍ୱାରା ଘିବ୍‌ଲି ଆର୍ଟରେ ରୂପାନ୍ତରିତ କରୁଛନ୍ତି । ନିଜର ସେହି କ୍ୟୁଟ୍ କାର୍ଟୁନ୍ ରୂପାନ୍ତର ଏବେ ଲୋକଙ୍କୁ ଏତେ ପସନ୍ଦ ଆସୁଛି ଯେ, ସମସ୍ତେ ଚାହୁଁଛନ୍ତି ଏହାକୁ କରିବାକୁ । ହେଲେ ଏହି ଟ୍ରେଣ୍ଡକୁ ନାପସନ୍ଦ କରନ୍ତି ମିୟାଜାକି । ସେ କୁହନ୍ତି, 'ଏଆଇ ମାଧ୍ୟମରେ ହେଉଥିବା ଏହି ଘିବ୍‌ଲି ଆର୍ଟ ଟ୍ରେଣ୍ଡ ପାଇଁ ମୁଁ ବହୁତ ନିରାଶ । ଏହା ଘିବ୍‌ଲି କଳା ପ୍ରତି ଅପମାନ । ମତେ ଲାଗୁଛି ଆଜିକାଲି ମଣିଷର ନିଜ ପ୍ରତି ବିଶ୍ୱାସ କମିବାରେ ଲାଗିଛି । ତେଣୁ ଏଆଇର ସହାୟତା ନିଆଯାଉଛି ।'

ଏହି ଟ୍ରେଣ୍ଡକୁ ନେଇ ବିଶେଷଜ୍ଞ କହନ୍ତି, 'ଏହାଦ୍ୱାରା ଲୋକଙ୍କର ବ୍ୟକ୍ତିଗତ ଡାଟା ଚୋରି ହେଉଛି, ଯାହାକି ସାଧାରଣ ଲୋକଙ୍କ ପାଇଁ ଭବିଷ୍ୟତରେ ଅସୁବିଧା ସୃଷ୍ଟି ହୋଇପାରେ ।'





# ୪୩ ହଜାର ଟଙ୍କାର ଅଣ୍ଡା



**ଡା**କ୍ତର କହନ୍ତି 'ସଣ୍ଡେ ହୋ ୟା ମଣ୍ଡେ ରୋଜ୍ ଖାଓ ଅଣ୍ଡେ' । ତେଣୁ ଅନେକେ ନିଜର ପ୍ରତିଦିନର ଡାଏଟ୍‌ରେ ଅଣ୍ଡା ସାମିଲ କରିଥାନ୍ତି । ହେଲେଏମିତି ଏକ ଅଣ୍ଡା ଅଛି ଯାହାକୁ ପ୍ରତିଦିନର ଡାଏଟ୍‌ରେ ସାମିଲ କରିବା ଅସମ୍ଭବ । କାରଣ ଏହାର ଗୋଟିଏ ଅଣ୍ଡାର ମୂଲ୍ୟ ୪୩୦୦୦ ଟଙ୍କା । ଏହି ଅଣ୍ଡାଟି ହେଉଛି ବ୍ରିଟେନ୍‌ର ଫେଣ୍ଟନ୍ ଫାର୍ମର । ଆଉ ଏହାର ମୂଲ୍ୟ ଏତେ ଅଧିକ ହେବା ପଛର କାରଣ ହେଉଛି ଏହାର ଆକାର । ଅର୍ଥାତ୍ ଏହାର ଆକାର ସାଧାରଣ ଅଣ୍ଡା ଭଳି ନୁହେଁ, ବରଂ ପୂରାପୂରି ଗୋଲ । ଏହି ଅଣ୍ଡାକୁ ଦେଖି ଉକ୍ତ ଫାର୍ମର ଲୋକେ ବି ଚକିତ ହୋଇ ଯାଇଥିଲେ । ଫାର୍ମର ଜଣେ ମହିଳା କର୍ମଚାରୀ କୁହନ୍ତି, 'ଏତେବର୍ଷ ଫାର୍ମରେ କାମ କରିବା ଭିତରେ ଏଭଳି ଅଣ୍ଡା ମୁଁ କେବେ ଦେଖି ନ ଥିଲି । ତେଣୁ ମତେ ଲାଗିଥିଲା ଏହି ଅଣ୍ଡାକୁ ଯିଏ ବି କିଣିବ ତାକୁ ଖାଇବ ନାହିଁ ସାଇତି ରଖିବ । ତେଣୁ ଏହି ଅଜବ ଅଣ୍ଡାକୁ ନିଲାମ ପାଇଁ ରଖାଗଲା । ଆଉ ଆଶ୍ଚର୍ଯ୍ୟର କଥା ଏହା ୪୩୦୦୦ ଟଙ୍କାରେ ନିଲାମ ହେଲା ।'

# ଉତ୍କଳ ଦିବସ ଓ ଉତୁରା ଭାବ



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

ଯା'ହେଉ ଯୁଗ ଅନୁସାରେ ତାଳ ଦେଇ ଗ୍ରାମାଞ୍ଚଳରେ ଯୁବବର୍ଗଙ୍କ ଭିତରେ ନିଜ ରାଜ୍ୟର ଭାଷା, ସଂସ୍କୃତି ପ୍ରୀତି ଖୁନ୍ଦିହୋଇ ରହିଛି ଜାଣି ଗିରିଧାରୀ ଗୁରୁଜୀ ଭାରି ଖୁସିହେଲେ । ଉତ୍କଳ ଦିବସ ପାଳନ ହେଉଥିବା ଗାଁ ମୁଣ୍ଡ ବରଗଛ ତଳ ପଡ଼ିଆରେ ବିଛା ଯାଇଥିବା ଦରି ଉପରେ ଆଗୁଆ ଯାଇ ଆଗରେ ବସିଲେ । ପିଲାଏ ଲାଗିପଡ଼ି ବଡ଼ ମଞ୍ଚଟାଏ ତିଆରି କରିଥିଲେ । ମଞ୍ଚକୁ ବେଲୁନ ଓ ପ୍ଲାଷ୍ଟିକ ଫୁଲରେ ବି ସଜେଇ ଥିଲେ । ମାଇକରୁ ଉଚ୍ଚ ଶବ୍ଦରେ ଶୁଭୁଥିଲା ଅଣ ଓଡ଼ିଆ ଚିଲି ଆମ୍ବା.. ଚିଲି ଆମ୍ବାଠାରୁ ଆଉ କେତେ ରକମର ଅବୁଝା ତେଲୁଗୁ କି ତାମିଲିଆ କି କି ଗୀତସବୁ । ଯେଉଁ ବଛା ବଛା ବଡ ବଡ଼ ଅତିଥି ବକ୍ତା ସବୁ ଆସିଥିଲେ, ସେମାନେ ତାଙ୍କ ନିଜ ମୁହଁରେ ପ୍ରସିଦ୍ଧ ବକ୍ତା ବୋଲି ଆଗରୁ ଅନୁରୋଧ କରିଥିଲେ-ମଞ୍ଚରେ ବସିବାକୁ । ତେଣୁ ମୁଖ୍ୟବକ୍ତା, ମୁଖ୍ୟଅତିଥି, ସମ୍ମାନିତ ବକ୍ତା, ସମ୍ମାନିତ ଅତିଥି, ଅନୁଷ୍ଠାନ ସଭାପତି, ସମ୍ପାଦକ, ଉପଦେଷ୍ଟା ତଥା ଆଉ କେତେ ଗାଁ ମୁରବୀଙ୍କୁ ମିଶାଇ ମାତ୍ର ଚଉଦଟା ଚୌକି ଆବୋରି ନେଇ ମଞ୍ଚରେ ଟିକେ ଫାଙ୍କା ଛାଡ଼ି ନ ଥିଲେ । କାର୍ଯ୍ୟକ୍ରମ ଦିନ ଦଶଟାରୁ ଆରମ୍ଭ ହେବାକୁ ଥିବାବେଳେ, ଅତିଥିଙ୍କ ସମୟାନୁବର୍ତ୍ତିତା ଜ୍ଞାନ ଥିବାରୁ ବେଶି ଡେରି ନ କରି ମାତ୍ର ଦୁଇଘଣ୍ଟା ବିଳମ୍ବରେ ପହଞ୍ଚି ସାମାନ୍ୟ ଜଳଯୋଗ ଭିତରେ ଛଅଟି ପାଚିଲା ଦେଶୀ କଦଳୀ, ଦୁଇଶହ ଗ୍ରାମ ଛେନାପୋଡ଼, ଚାରିଟି ସିଙ୍ଗଡ଼ା, ଚାରିଟା ବରା ଖାଇବା ପରେ ଦିନ ବାରଟା ତିରିଶ ବେଳକୁ କାର୍ଯ୍ୟକ୍ରମ ଆରମ୍ଭ ହେଲା । ସେତେବେଳକୁ ଖରାବେଳ ତାତି ଦେହଠାରୁ ପେଟକୁ ବେଶି ତତେଇବା ଆରମ୍ଭ କଲାଣି ଦରି ଓ ଚଉକି ଆଦରି ବସିଥିବା ଶ୍ରୋତାଙ୍କୁ । ପ୍ରଥମେ ଅନୁଷ୍ଠାନର ସଭାପତି ଅତିଥିଙ୍କ ପରିଚୟ ଦେଉ ଦେଉ, ଦେଉଳଠୁ ମୁଖାଶାଳା ବଳିଯାଉଥିଲା । ସମୟକୁ ପଚାରେ କିଏ ! ଯାହାହେଉ ଚଉଦ ଜଣଙ୍କ ପରିଚୟ ଦେବା, ପ୍ରଦୀପ ଜଳେଇବା ସରିଲା ବେଳକୁ ଗୋଟାଏ ପରେ ହେଲାଣି । ଗାଁରେ ଏମିତି ମହୋତ୍ସବ ଆଗରୁ ଦେଖି ନ ଥିବାରୁ ଖରାକୁ ଖରାପ ନ ଭାବି ଶ୍ରୋତା ଦର୍ଶକଙ୍କ ବହୁତ ଗହଳି ହୋଇଥଲା । ବକ୍ତାମାନେ ଭାଷଣ ଦେବା ଆରମ୍ଭ କଲାବେଳକୁ ଭୋକ ସମ୍ଭାଳି ପାରୁ ନ ଥିବା ଗିରିଧାରୀ ଗୁରୁଜୀଙ୍କ ପରି ଆଉ କିଛି ଘରମୁହାଁ ହୋଇ ସାରିଥିଲେ । ପ୍ରଥମେ ଗୁଣ୍ଟବାବୁ ମୁଖ୍ୟ ବକ୍ତା ଭାବେ ଉତ୍କଳ ଦିବସ ଉପଲକ୍ଷେ ଭାଷଣ ଆରମ୍ଭ କଲେ, ଯିଏକି ଆଜିକାଲି ଆଉ ଓଡ଼ିଆ ସ୍କୁଲର ଆଦର ନାହିଁ ବୋଲି ତାଙ୍କ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ତାଙ୍କ ଦୁଇ ପିଲାଙ୍କୁ ସହରରେ ଥିବା ଆବାସିକ ଇଂଲିଶ ମିଡିୟମ ସ୍କୁଲରେ ପଢ଼ାଉଛନ୍ତି । ତଥାପି ତାଙ୍କ ନିଜର ଓଡ଼ିଆ ଭାଷା ପ୍ରୀତି ଥିବାରୁ ସେ ଆରମ୍ଭରୁ କବିତା ଗାଇଲେ.. ''ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ'' ଅବଶ୍ୟ କିଏ ସେହି କବି, ଯିଏ ଏ କଥା ଲେଖିଥିଲେ, ତାଙ୍କୁ ଭୁଲି ଯାଇଥିଲେ । କିନ୍ତୁ ଏମିତି ଭାବରେ ଭୋଳ ହୋଇ ଭାଷଣ ଦେଉଥିଲେ ଯେ, କଣ୍ଠ ସାଙ୍ଗରେ ଗୋଡ଼ ହାତ ଥରି ଉଠୁଥିଲା । କଥା ଭିତରେ ସେ ତାଙ୍କ ଦେଶୀ ଗାଈ ବିକି ଗୋଟେ ଜର୍ସି ଗାଈ ରଖିବା, ଦେଶୀ ନୁହଁ ବିଲାତି ଲାବ୍ରାଡର କୁକୁରକୁ କୋଡ଼ିଏ ହଜାରେ ଦେଇ କିଣିବା, ଫରେନ ବ୍ରାଣ୍ଡ ଗାଡି କିଣିବା କଥା ଗପି ମାତ୍ର ଏକ ଘଣ୍ଟାରେ ଭାଷଣ ସଂକ୍ଷିପ୍ତରେ ସାରି ଅନୁଷ୍ଠାନକୁ ଧନ୍ୟବାଦ ଜଣେଇ ବସିଲା ବେଳକୁ, ପ୍ରାୟ ଆଉ ପଚିଶ ଭାଗ ଲୋକ ଉଠି ପଳେଇଥିଲେ । ଦ୍ୱିତୀୟ ସମ୍ମାନିତ ବକ୍ତା ଉଠିଲେ ଆଉ ପ୍ରାରମ୍ଭିକ ସମ୍ବୋଧନ ଦେଇ କହିଲେ, ମୋ



ଭାଷଣ ଖୁବ୍ ସଂକ୍ଷିପ୍ତ । ମୁଁ କେବଳ ଚୁମ୍ବକରେ ସବୁକଥା କହିଥାଏ । ସମୟ ସବୁଠୁ ମୂଲ୍ୟବାନ । ସବୁଠୁ ବଳବାନ । ଯିଏ ସମୟର ମୂଲ୍ୟ ବୁଝେ ନାହିଁ, ସେ ଆଗକୁ ଯାଇ ପାରେନାହିଁ । ତେଣୁ ମୁଁ ମୋ ବକ୍ତବ୍ୟ ଚୁମ୍ବକରେ ସାରୁଛି । ଆରେ ହଁ, ଏଇ ଚୁମ୍ବକ କଥାରୁ ମୋର ମନେ ପଡିଲା... ଆମେ ହେଲୁ ବକ୍ତା ଚୁମ୍ବକ । ଆଉ ଶ୍ରୋତାସବୁ ଲୁହା । ଚୁମ୍ବକ ଆକର୍ଷଣରେ ଆପଣଙ୍କ ପରି ଲୁହା ଆକର୍ଷିତ ହୋଇ ଛୁଟି ଆସନ୍ତି । ପାଖରେ ବସନ୍ତି । ଚୁମ୍ବକରେ ଲୁହା ଘଷି ହୋଇ ହୋଇ, ସେ ବି ଆମପରି ଚୁମ୍ବକ-ବକ୍ତା ଦିନେ ନ ହେବେ କିଏ କହିବ । ମାତ୍ର ଯେଉଁ କଥା କହିବ, ଚୁମ୍ବକରେ କହିବ । ଯୁବତୀ ଯୁବକ ସମୟର ଅପବ୍ୟବହାର କରିବା ଉଚିତ ନୁହଁ । ସବୁ ଭାଗ୍ୟ ଉପରେ ଛାଡ଼ିବା ଭଲ ନୁହଁ... ଇତ୍ୟାଦି ଚୁମ୍ବକରେ କହି ମାତ୍ର ଦେଢ଼ ଘଣ୍ଟାରେ ବାରମ୍ବାର କାନରେ କିଏ କ'ଣ କହିଲା ପରେ, ଚୁମ୍ବକରେ ଧନ୍ୟବାଦ ଦେଇ ବସିଲା ବେଳକୁ ଆଉ ବାକିଥିବା ଅଧାରୁ ଅଧିକ ଉଠି ପଳେଇ ସାରିଥିଲେ । ସେତେବେଳେ ଦିନ ଗଡି ତିନିଟା ବାଜିଲାଣି । ଭାଷଣ ଦେବା ଲୋକଙ୍କୁ ଭୋକ କ'ଣ ହୁଏ ? ଖାଲି ଶ୍ରୋତାଙ୍କୁ ସବୁବେଳେ ଭୋକ । ଦେଖୁନ, ଏମିତି ମୂଲ୍ୟବାନ କଥା ନ ଶୁଣି ପଳେଇ ଗଲେଣି । ତଥାପି କାର୍ଯ୍ୟକ୍ରମ ଆଗକୁ ନେବାକୁ ହେବ । ଏଥର ମୁଖ୍ୟ ଅତିଥି ସିନ୍ଧୁଆ ସାଆରେ ଉଠିଲେ । ଯିଏ ଗାଁରେ ପଢି ବଡ଼ ହୋଇ ବାହାରେ ଚାକିରି କରୁଥିଲେ । ହେଲେ ଗାଁ ସମ୍ପତ୍ତି ବିକିବାକୁ ଛୁଟିରେ ଆସିଥିଲେ । ସେ ତାଙ୍କ ଜ୍ଞାନ ସିନ୍ଧୁକ ଫିଟେଇ ଆରମ୍ଭ କଲେ ଗୀତରେ ଗୀତରେ । ''ଉଚ୍ଚ ହେବାପାଇଁ କର ଯେବେ ଆଶା, ଉଚ୍ଚ କର ତେବେ ନିଜ ମାତୃଭାଷା''... ଇତ୍ୟାଦି । ବାସ୍, ତା'ପରେ ନନ୍‌ଷ୍ଟପ ଇଂଲିଶରେ କ'ଣ ସବୁ ଗପି ଚାଲିଥିଲେ । ଗାଁ ଲୋକେ ଆଁ କରି ଚାହିଁ ଉଠି ପଳେଇଲେ । ସେ ବି ତାଙ୍କ ଭାଷଣ ସଂକ୍ଷେପ ମାନେ ମାତ୍ର ଘଣ୍ଟେ ପାଖାପାଖି କହିବା ପରେ ବହୁତ ଅନୁରୋଧ କରିବା ପରେ ବିଶ୍ରାମ ନେଲେ । ଯେଉଁ ଅଳ୍ପ ଲୋକ ବସିଥିଲେ, ତାଙ୍କର ଧାରଣା ବୋଧେ ଖାଇବାକୁ ମିଳିବ ଭାତ ଡାଲମା । ଏମିତିରେ ଚାରିଟା ବାଜିବାରୁ ଅବଶିଷ୍ଟ ବକ୍ତା ଶୂନ୍ୟ ଦରି ଶୂନ୍ୟ ଚଉକିମାନଙ୍କୁ ଶୁଣେଇବାଠାରୁ ଏଭଳି ମୂଲ୍ୟବାନ ଭାଷଣ ଶୁଣିବାରୁ ବଞ୍ଚିତ ଥିବା ଘରଣୀଙ୍କୁ ନିଜ ନିଜ ଘରେ ଶୁଣେଇବେ ଭାବି ଘରକୁ ଚାଲିଗଲେ । ସେମାନେ ବି ଉତ୍କଳ ଦିବସ ପାଳନ ବିଷୟରେ ଶୁଣିବା ଦକାର । ମାତ୍ର ସେମାନେ ଶୁଣେଇବା ଆଗରୁ ଭୋକରେ ଜଗିଥିବା ପତ୍ନୀ ଆଗୁଆ ପ୍ରସ୍ତୁତି ହେଇ ଯାହା ସବୁ ଶୁଣେଇଲେ, ତାହା ଖାଣ୍ଟି ଓଡ଼ିଆରେ । ସେମାନେ ଜାଣିଥିଲେ ଓଡ଼ିଆ ରାଗିଲେ ହିଁ ହିନ୍ଦୀ ଇଂଲିଶ କହନ୍ତି । ମାତ୍ର ଏଠି ଉତ୍କଳ ଦିବସରେ ଖାଲି ଶୁଦ୍ଧ ଓଡ଼ିଆ ଶୁଣି କାନ ଭାଁ ଭାଁ କଲା ।

ଯା'ହେଉ ଏବେ ଓଡ଼ିଆ ପ୍ରୀତି ବଢ଼ି ଥିବାରୁ ଉତ୍କଳ ଦିବସ ଓଡ଼ିଶା ଦିବସ ହୋଇଛି । ଏବେ ମାତୃଭାଷା ପ୍ରେମ ବଢ଼ି ଥିବାରୁ ପିଲାଏ ଆମର ନିଜ ମା' ଭାଷାକୁ ଗଣ୍ଠିଧନ ଭଳିଆ ପେଟରେ ସାଇତି ରଖି, ଖାଲି ହିନ୍ଦୀ ଇଂଲିଶରେ କଥା ହୋଇ ଓଡ଼ିଶାର ଗର୍ବ ଗୌରବ ଅକ୍ଷୁଣ୍ଣ ରଖିଛନ୍ତି । ଏବେ ଜାଗା ଜାଗାରେ କବି ସମ୍ମିଳନୀ କବିତା ପାଠ ଉତ୍ସବ ଜୋର ସୋରରେ ଖିଆପିଆ ସହିତ ଚାଲିଛି, କବିତା ପଢାବେଳେ ପରସ୍ପର ପଛରେ ମନଭରି ଗପାଗପିରେ । ତଥାପି ବହୁତ ବିଜ୍ଞ ବକ୍ତା ମନ୍ତବ୍ୟ ଦେଉଛନ୍ତି ଏହା ଶୁଭ ସଂକେତ । ଏବେ ବି ଆମ ଭାଷା ବଞ୍ଚିଛି । ପେଟ ଭିତରେ ଲୁଚିକି ଅଛି । ମରିନାହିଁ କି ଆଗକୁ ମରିବ ନାହିଁ ! ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେବାପରେ ଆମେ ବି ଓଡ଼ିଆ ଛଡା ସ୍ୱତନ୍ତ୍ର ଭାଷାରେ ପଢିବା କହିବାରେ ସ୍ୱତନ୍ତ୍ର ହୋଇ ପାରିଥିବାରୁ ଗର୍ବ କରୁ ।


*-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଖରା ଛାଇର ଖେଳ

**କବି : ରଶ୍ମି ମହାପାତ୍ର, ପ୍ରକାଶକ : ଅଭିମାନ, ମୂଲ୍ୟ -୧୯୦**

ନିକଟରେ ପ୍ରକାଶ ପାଇଯାଇଛି ରଶ୍ମି ମହାପାତ୍ରଙ୍କ କବିତା ସଂକଳନ ''ଖରା ଛାଇର ଖେଳ'' । ଏକାବନଟି ସୁନ୍ଦର କବିତାର ସମାହାରରେ ସମୃଦ୍ଧ ଏହି କବିତା ସଂକଳନର ପ୍ରକାଶକ ହେଉଛି ''ଅଭିମାନ'', ପୁରୀ । ରଶ୍ମି ମହାପାତ୍ର ଓଡ଼ିଆ କବିତା କ୍ଷେତ୍ରରେ ଏକ ସୂକ୍ଷ୍ମ ଓ ମଧୁର ସ୍ୱର । ତାଙ୍କ ପାଇଁ କବିତା ଜୀବନର ସ୍ୱାଦ ସନ୍ଧାନ କରିବାରେ ବିଶେଷ ଭାବରେ ଆଗ୍ରହୀ । ଜୀବନର ଭଙ୍ଗୁରପ୍ରବଣ ଉପାଦାନ ଭିତରୁ ସେ ଖୋଜନ୍ତି ଚିରନ୍ତନତା । ଯେକୌଣସି ପରିସ୍ଥିତିରେ ବି ସେ ସର୍ଜନର ମହନୀୟତାର ଗୁରୁତ୍ୱ ବୁଝନ୍ତି । ତାଙ୍କ ପାଇଁ କବିତା ଯେମିତି ବାଲିଗୋଡି ଭିତରେ ଲୁଚିରହି ଚକ୍ ଚକ୍ କରୁଥିବା ମୂଲ୍ୟବାନ ଧାତୁ ଖଣ୍ଡ । ଦୈନନ୍ଦିନ ଘଟଣାର ଆଧାର ଉପରୁ ସେ ଦେଖନ୍ତି ଓ ଦେଖାନ୍ତି ଶାଶ୍ୱତ ଜୀବନର ସ୍ୱରୂପ । ତାଙ୍କ କବିତାର କାରିଗରୀ କଥିତ ଭାଷାର ବ୍ୟଞ୍ଜନାତ୍ମକ ପ୍ରୟୋଗରେ ସମୃଦ୍ଧ । ନିତିଦିନିଆ ଭାଷାର କଳାତ୍ମକ ପ୍ରୟୋଗ ତାଙ୍କ କବିତାକୁ ଦିଏ ଭିନ୍ନ ଏକ ଆତ୍ମା । କବିତା ସବୁ ଭାବଦ୍ୟୋତକ ଓ ସୁନ୍ଦର । ତାଙ୍କର ଅନ୍ୟାନ୍ୟ କବିତା ସଂକଳନ ଭଳି ''ଖରା ଛାଇର ଖେଳ'' ମଧ୍ୟ ପାଠକଙ୍କୁ ଆନନ୍ଦ ଦେବ ବୋଲି ଆଶା ରଖାଯାଏ ।




### କବି ରମେଶ ପତିଙ୍କ କାବ୍ୟ ଦର୍ଶନ

**ଡକ୍ଟର ଗୌତମ ଜେନା**
**ପ୍ରକାଶକ- ପ୍ରବାହ, ଗୋବିନ୍ଦପୁର**
**ଯାଜପୁର-୭, ମୂଲ୍ୟ- ୨୦୦ଟଙ୍କା**

ଡକ୍ଟର ଗୌତମ ଜେନା ଏହି ଆଲୋଚନା ପୁସ୍ତକରେ ୬ଟି ଅଧ୍ୟାୟରେ କବି ରମେଶ ପତିଙ୍କ ସମଗ୍ର କାବ୍ୟ ସୃଷ୍ଟିର ପଙ୍ଖାନୁପୁଙ୍ଖ ବିଶ୍ଳେଷଣ ଓ ବ୍ୟାଖ୍ୟା କରିଛନ୍ତି । ରମେଶଙ୍କ ୮ଟି କାବ୍ୟ ସଂକଳନର ଭାବପକ୍ଷକୁ ସେ ଗଭୀର ଭାବେ ଅନୁଶୀଳନ କରି ତାର ନିର୍ଯ୍ୟାସକୁ ପ୍ରାଞ୍ଜଳ ଭାବେ ଉପସ୍ଥାପିତ କରିଛନ୍ତି । ଆଲୋଚିତ କବିତାଗୁଡିକରେ କଳାପକ୍ଷ ବା ଆଙ୍ଗିକକୁ ସେ ବିଚାରକୁ ନେଇ ନିଜର ମନ୍ତବ୍ୟ ଦେଇଛନ୍ତି । ଓଡ଼ିଆ କବିତାର ମୁଖ୍ୟଧାରା ଯେତେବେଳେ ସାମାଜିକ ସମସ୍ୟାଠାରୁ ଦୂରେଇ ରଖି ଆସିଛି, ସେ କ୍ଷେତ୍ରରେ କବି ରମେଶଙ୍କ କବିତା ମାଟିମନସ୍କ ହୋଇଛି । ପୁସ୍ତକରେ ପ୍ରକାଶିତ ଆଲୋଚନା ଗୁଡିକ ନିଶ୍ଚୟ ରମେଶ ଅନୁରାଗୀ ପାଠକଙ୍କୁ ମୁଗ୍ଧ କରିବ ଏଥିରେ ସନ୍ଦେହ ନାହିଁ ।




### ଅନ୍ୟ ଆକାଶର ଅରୁନ୍ଧତୀ

**ଲେଖକ -ମାୟାଧର ନାୟକ**
**ପ୍ରକାଶକ- ଆରୋହୀ, କଲ୍ୟାଣୀନଗର**
**କଟକ-୧୩, ମୂଲ୍ୟ- ୨୦୦ଟଙ୍କା**

ଅନ୍ୟ ଆକାଶର ଅରୁନ୍ଧତୀ ମାୟାଧର ନାୟକଙ୍କ ଉପନ୍ୟାସ । ସେ ଏଥିରେ ଅରୁନ୍ଧତୀ, ଆର୍ଯ୍ୟବ୍ରତ ଆଉ ଅବିନାଶ ଚରିତ୍ରକୁ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି । ସ୍ୱର୍ଗରେ ପ୍ରେମ ନାହିଁ । ପ୍ରେମ ଅଛି ଆମର ଏହି ମରଣଶୀଳ ମଣିଷର ପୃଥିବୀରେ । ସେଇ ପ୍ରେମ ଟୋପିଏ ପାଇବାକୁ ଚିରଅମର ଦେବଦେବୀ, ସ୍ୱର୍ଗର ଅପ୍‌ସରା ରମ୍ଭା, ମେନକା ଉର୍ବଶୀ ବି ଓହ୍ଲାଇ ଆସନ୍ତି ଧୂଳିର ଏ ଧରିତ୍ରୀକୁ । ମଣିଷ ଜନ୍ମ ନେବାକୁ ଦେବତା ବି ଲୋଭ କରେ । ମର୍ତ୍ତ୍ୟ ଅବତରଣର ଅଭିଶାପକୁ ମଥାପାତି ବରିନିଏ ହସିହସି । କାରଣ ଅମୃତ ଅପେକ୍ଷା ଅନୁରାଗ ଆହୁରି ଅନନ୍ୟ, ପିୟୂଷ ଅପେକ୍ଷା ପ୍ରେମ ଅହୁରି ପବିତ୍ର । ଆଶା ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ।



ବ୍ୟାକ୍ ପେଜ୍

# ସେଲ୍ଫ କୁଲିଂ କ୍ୟାନ୍

**ଖ**ରାଦିନେ କୋଲ୍ଡଡ୍ରିଙ୍କ୍ସର ଚାହିଦା ବଢିଯାଏ । ହେଲେ ଜାଣନ୍ତିକି ଏହାକୁ ଥଣ୍ଡା କରିବା ପାଇଁ ବ୍ୟବହାର କରାଯାଉଥିବା ରେଫ୍ରିଜରେଟର୍‌ରୁ ନିର୍ଗତ କ୍ଲୋରୋଫ୍ଲୁରୋ କାର୍ବନ ଯୋଗୁ ପ୍ରତିବର୍ଷ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ସ୍ତର ବଢି ବଢି ଯାଉଛି । ସେଥିପାଇଁ ଖାଦ୍ୟ ପଦାର୍ଥକୁ ଥଣ୍ଡା କରିବା ପାଇଁ ଏମିତି କିଛି ଯନ୍ତ୍ର ଆସିବା ଦରକାର, ଯାହା ପରିବେଶ ପାଇଁ କ୍ଷତିକାରକ ହୋଇ ନ ଥିବ । ଏହାକୁ ନଜରରେ ରଖି ଲଣ୍ଡନର ଡେଲ୍ଟା ଏଚ୍ ଇନୋଭେସନ୍‌ସ ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ ଦାବି କରେ ଯେ ସେ ପୃଥିବୀର ପ୍ରଥମ ସେଲ୍ଫ କୁଲିଂ ଆଲୁମିନିୟମ୍ କ୍ୟାନ୍ ତିଆରି କରିଛି, ଯାହାର ନାଁ 'କୁଲ୍ କ୍ୟାନ୍' । ଏହି କ୍ୟାନ୍ ତଳେ ଏକ ବଟନ୍ ଥାଏ, ଯାହାକୁ




ଚିପି ଦେଲେ କିଛି ସମୟ ଭିତରେ କ୍ୟାନ୍ ଭିତରର ତରଳ ପଦାର୍ଥ ୬°-୭° ସେଣ୍ଟିଗ୍ରେଡ ତାପମାତ୍ରାକୁ ପହଞ୍ଚିଯାଏ । ଆଉ ପ୍ରାୟ ୪୫ ମିନିଟ ପର୍ଯ୍ୟନ୍ତ ତା' ଭିତରର ପାନୀୟ ଥଣ୍ଡା ରହେ । ଡେଲ୍ଟା ଏଚ୍ ଇନୋଭେସନ୍‌ସର ପ୍ରତିଷ୍ଠାତା ଜେମ୍ସ ଭାଏଜ୍ କହନ୍ତି, 'ଏଥିରେ ଥିବା ପାନୀୟ ୬°-୭° ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ପ୍ରାୟ ୧୦ ମିନିଟ ଲାଗେ । ଏହାର ଡବଲ୍ ଲେୟାର୍ ଡିଜାଇନ୍ ପାଇଁ ପାନୀୟ ୪୫ ମିନିଟ ଯାଏ ଥଣ୍ଡା ରହେ । କ୍ୟାନ୍ ଉପରେ ଏକ ସ୍ମାର୍ଟ ସ୍ନୋ ଫ୍ଲେକ ମାର୍କ ଅଛି, ଯାହାକି ତାପମାତ୍ରା କମିବା ସହ ଧଳାରୁ ନୀଳ ରଙ୍ଗରେ ପରିଣତ ହୋଇଯାଏ । ୫୦୦ ମି.ଲି.ର ଏହି କ୍ୟାନ୍‌ରେ ସାଧାରଣ କ୍ୟାନ୍‌ଠାରୁ କମ୍ ଡ୍ରିଙ୍କ ଧରିଥାଏ । କ୍ୟାନ୍‌ର ସୁଇଚ୍‌କୁ ପ୍ରେସ୍ କରିବା ପରେ ତାକୁ ଓଲଟା ଧରିବାକୁ ହୁଏ । ଯେମିତିକି ଭିତରେ ଥିବା ପାନୀୟ ଡବଲଲେୟାର୍ କାନ୍ଥରେ ଥିବା ଲୁଣ ସହ ମିଶି ଥଣ୍ଡା ହେବା ଆରମ୍ଭ ହେବ ।



# ଗୋଡ଼ ନାହିଁ, ହାତରେ ସ୍କେଟିଂ

୩୧ ବର୍ଷୀୟା କାନ୍ୟା ସେଜର୍ ସ୍କେଟବୋର୍ଡରେ ଅଧିକ ସମୟ ଧରି ହ୍ୟାଣ୍ଡଷ୍ଟାଣ୍ଡ କରି ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି । ଭାବୁଥିବେ ଏମିତି ତ ଅନେକ ରେକର୍ଡ ହେଉଛି, ଏଥିରେ ସ୍ୱତନ୍ତ୍ରତା କ'ଣ ? ତେବେ ଜାଣି ରଖନ୍ତୁ କାନ୍ୟା ହେଉଛନ୍ତି ଜଣେ ଭିନ୍ନକ୍ଷମ, ଯାହାଙ୍କର ନିତମ୍ବଠୁ ତଳଭାଗ ପର୍ଯ୍ୟନ୍ତ କିଛି ନାହିଁ । କେବଳ ମୁଣ୍ଡରୁ ନିତମ୍ବ ପର୍ଯ୍ୟନ୍ତ ଭାଗ ଅଛି । ଗୋଡ ନାହିଁ ସିନା ହେଲେ ମନ ତାଙ୍କର ଦୁର୍ବଳ ନୁହେଁ । ସେ କୁହନ୍ତି, 'ନୋ ଲେଗ୍‌ସ ମିନ୍ସ ନୋ ଲିମିଟ୍‌ସ । ୧୯୯୨ ମସିହାରେ ତାଙ୍କର ଜନ୍ମ । ଜନ୍ମରୁ ହିଁ ତାଙ୍କର ଦୁଇ ଗୋଡ ନ ଥିଲା । ଏଭଳି ଅବସ୍ଥା ଦେଖି ବୋଧହୁଏ କେହି ତାଙ୍କୁ ରାସ୍ତାକଡ଼ରେ ଛାଡି ଦେଇ ଚାଲି ଯାଇଥିଲା । ରାସ୍ତାକଡ଼ରେ ପଡ଼ି ରହିଥିବା ଏହି ପରିତ୍ୟକ୍ତ ଭିନ୍ନକ୍ଷମ ପିଲାଟିକୁ ସେହି ରାସ୍ତାରେ ଯାଉଥିବା ଜଣେ ମହିଳା ଦେଖିଲେ । ଆଉ ଡାକ୍ତରଖାନା ନେଇଗଲେ । ସେଠି ଜଣେ ନର୍ସ ଓ ହସ୍ପିଟାଲର କିଛି କର୍ତ୍ତୃପକ୍ଷ ଏହି ଭିନ୍ନକ୍ଷମ କୁନି ଝିଅର ୧୯୯୮ ମସିହା ପର୍ଯ୍ୟନ୍ତ ଯତ୍ନ ନେଲେ । ୫ ବର୍ଷ ବୟସର ହେବା ବେଳକୁ ଆମେରିକାର ଏକ ପରିବାର ତାକୁ ପୋଷ୍ୟଭାବେ ଗ୍ରହଣ କଲେ । ପରେ ସେମାନେ ପୋର୍ଟଲାଣ୍ଡ ଚାଲିଗଲେ । କାନ୍ୟାଙ୍କ ଜୀବନରେ ଅନେକ ଚ୍ୟାଲେଞ୍ଜ ଆସିଥିଲା । ହେଲେ ସେ ସବୁକୁ ସେ ସାହସର ସହ ସାମ୍ନା କରିଥିଲେ । ଗୋଡ ନ ଥାଇ ବି ବିଭିନ୍ନ ପ୍ରକାର ଖେଳ ଯେମିତିକି ହ୍ୱିଲଚେୟାର ରେସିଂ, ହ୍ୱିଲଚେୟାର ରଗ୍‌ବି, ପହଁରା, ସ୍ଲେଜ୍ ହକି ଆଦି ଖେଳିଲେ । ପରେ ସେ ସ୍କେଟ୍ ବୋର୍ଡିଂ ବି ଟ୍ରାଏ କଲେ । ଆଉ ଏହା ତାଙ୍କର ପ୍ରିୟ ହୋଇଗଲା । ସେ ଅନ୍ୟ ସ୍କେଟର୍ ଓ ସ୍କେଟର କମ୍ୟୁନିଟି ସହ କନେକ୍ସନରେ ରହିଲେ ଓ ବିଭିନ୍ନ ପ୍ରତିଯୋଗିତାରେ ବି ଭାଗ ନେଲେ । ଏହାସହ କଠିନ ପରିଶ୍ରମ କରି ସ୍କେଟିଂରେ ହ୍ୟାଣ୍ଡଷ୍ଟାଣ୍ଡରେ ଦକ୍ଷ ହେଲେ । ଶେଷରେ ସେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ ।








# ସି' ସ' ଟେବୁଲ

**ସି'** ସ' ଖେଳିବାକୁ ସବୁ ପିଲା ଭଲ ପାଆନ୍ତି । ତେଣୁ ପାର୍କରେ ଏହା ଯେମିତି ବି ହୋଇଥାଏ, ଛୋଟ ପିଲା କାହିଁକି ବଡ଼ମାନେ ବି ଏଥିରେ ଖେଳିବାକୁ ପସନ୍ଦ କରନ୍ତି । ଏଥିରେ ଏକ ଲମ୍ବା ପୋଲ୍‌ର ଦୁଇ ପାର୍ଶ୍ୱରେ ଦୁଇଟି ସିଟ୍ ଥାଏ । ଯାହା ଉପରେ ଦୁଇଜଣ ବସନ୍ତି । ଏହି ଖେଳରେ ଜଣେ ତଳକୁ ହେଲେ ଅନ୍ୟଜଣେ ଉପରକୁ ହୁଅନ୍ତି । ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏବେ ଏହି ସି' ସ' ଥିମ୍‌କୁ ନେଇ ଡାଇନିଂ ଟେବୁଲ ତିଆରି ହୋଇଛି । ତୁର୍କୀର ମାରଲିନ୍ ଜାନଶେନ୍‌ଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏହି ଟେବୁଲର ତଳଭାଗରେ ଏକ ଲମ୍ବା କାଠର ପୋଲ୍ ରହିଛି, ଯାହାର ଉଭୟ ପାର୍ଶ୍ୱରେ ବସିବା ଲାଗି ସିଟ୍ କରାଯାଇଛି । ଏହି ଡାଇନିଂ ଟେବୁଲ୍‌ରେ ବସିଲେ ପିଲାଦିନର ସେହି ସି' ସ' ଖେଳ କଥା ମନେପଡ଼ିଯିବ । କାରଣ ଏହାର ଟେବୁଲ୍‌ଟି ସ୍ଥିର ରହେ, ହେଲେ ବସିଥିବା ସିଟ୍ ପୂରାପୂରି ସି' ସ' ଭଳି, ଯାହାକି ଉପର ତଳ ହୁଏ । ତେଣୁ ଖାଇବା ସହ ସି' ସ' ଖେଳର ମଜା ନେଇ ହେବ । ଖାସ୍‌କରି ପିଲାମାନଙ୍କୁ ଏହା ବହୁତ ଭଲ ଲାଗିବ । ଆଉ ସେମାନେ ଖାଇବା ସ୍ଥାନରୁ ଉଠିକି ଯିବେ ନାହିଁ । ଖେଳି ଖେଳି ମଜାରେ ଖାଇଦେବେ ।

